# ଏକକ ୭: ବହୁ-ଶ୍ରେଣୀ ଏବଂ ବହୁ-ସ୍ତରୀୟ ଅବସ୍ଥାର ପରିଚାଳନା

ଟିପ୍ପଣୀ

## ସଂରଚନା


୭.୦ ଉପକ୍ରମ

୭.୧ ଶିକ୍ଷଣ ଉଦ୍ଦେଶ୍ୟ

୭.୨ ବହୁ-ଶ୍ରେଣୀ ଅବସ୍ଥା

୭.୨.୧ ବହୁ-ଶ୍ରେଣୀ ଅବସ୍ଥାର ସମସ୍ୟା

୭.୨.୨ ବହୁ-ଶ୍ରେଣୀ ଅବସ୍ଥାର ପରିଚାଳନାର କୌଶଳ

୭.୨.୩ ବହୁ-ଶ୍ରେଣୀ ଶିକ୍ଷଣର ଯୋଜନା

୭.୩ ବହୁ-ସ୍ତରୀୟ ଅବସ୍ଥା

୭.୩.୧ ବହୁ-ସ୍ତରୀୟ ଶିକ୍ଷଣର ସମସ୍ୟା

୭.୩.୨ ବହୁ-ସ୍ତରୀୟ ଅବସ୍ଥାର ପରିଚାଳନାର କୌଶଳ

୭.୩.୩ ବହୁ-ସ୍ତରୀୟ ଶିକ୍ଷଣର ଯୋଜନା

୭.୪ ସାରାଂଶ

୭.୫ ନିଜର ପ୍ରଗତିକୁ ପରଖି ଦେଖ ର ଆଦର୍ଶ ଉତ୍ତର

୭.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୭.୭ ପାଠାନ୍ତ ପ୍ରଶ୍ନାବଳୀ



ଟିପ୍ପଣୀ

## ୭.୦ ଉପକ୍ରମ

ଆମେ ଏକକ-୫ ଏବଂ ଏକକ-୬ରେ ପ୍ରଥମେ ପ୍ରାଥମିକ ସ୍ତରରେ ଶ୍ରେଣୀ ପରିଚାଳନାର କେତେକ ସମସ୍ୟା ଉପରେ ଆଲୋଚନା କରିସାରିଛୁ । ଏହି ୟୁନିଟ୍ ଗୁଡିକରେ ଶ୍ରେଣୀ ପରିଚାଳନାର ସମସ୍ୟା ତଥା ବିଧିଗୁଡିକ ଗୋଟିଏ ଶ୍ରେଣୀ ପିଲାଙ୍କୁ ଜଣେ ଶିକ୍ଷକ ଅର୍ଥାତ୍ ଯେଉଁଠି ଗୋଟିଏ ଶ୍ରେଣୀରେ ପିଲାମାନଙ୍କୁ ଜଣେ ଶିକ୍ଷକ ପଢାନ୍ତି ତାହାପାଇଁ ଉପଯୁକ୍ତ ଅଟେ । ଏହି ୟୁନିଟ୍‌ରେ ଆମେ ବହୁ-ଶ୍ରେଣୀ ପରିସ୍ଥିତିର ବିଭିନ୍ନ ଦିଗଗୁଡିକୁ ଜାଣିବା, ଯାହା ଗୋଟିଏ ଶିକ୍ଷକ ଏକା ସମୟରେ ଦୁଇ ବା ଦୁଇରୁ ଅଧିକ ଶ୍ରେଣୀର ପିଲାମାନଙ୍କୁ ଏକ ସମୟରେ ପଢାଇଥାନ୍ତି । ପ୍ରାଥମିକ ବିଦ୍ୟାଳୟ ସ୍ତରରେ ବହୁ-ଶ୍ରେଣୀ ପରିସ୍ଥିତି ଆଜି ମଧ୍ୟ ବିଶ୍ୱର ପ୍ରାୟତଃ ସବୁ ଦେଶରେ ଦେଖାଯାଏ । ବିକାଶଶୀଳ ଦେଶଗୁଡିକରେ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ବିଶେଷକରି ପଞ୍ଚମ ପର୍ଯ୍ୟନ୍ତ ବହୁ-ଶ୍ରେଣୀ ପରିସ୍ଥିତି ଅଛି । ଯେଉଁଠି ଜଣେ ବା ଦୁଇଜଣ ଶିକ୍ଷକ ଥାଆନ୍ତି । ପୃଥିବୀରେ ସବୁଠାରୁ ଅଧିକ ବହୁ-ଶ୍ରେଣୀ ପରିସ୍ଥିତିର ପ୍ରାଥମିକ ବିଦ୍ୟାଳୟର ଭାରତରେ ହିଁ ଅଛି । ସପ୍ତମ ଅଖିଳ ଭାରତୀୟ ଶୈକ୍ଷିକ ସର୍ବେକ୍ଷଣ ଅନୁସାରେ ଭାରତରେ ୮୦%ରୁ ଅଧିକ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଚାରି ବା ଚାରିରୁ କମ୍ ଶିକ୍ଷକ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପରିଚାଳନା କରନ୍ତି । ଅତଏବ୍ ବହୁ ଶ୍ରେଣୀ ଅବସ୍ଥା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥା ଯଥାର୍ଥ ଅଟେ । ବହୁ-ଶ୍ରେଣୀ ଅବସ୍ଥା ପ୍ରାଥମିକ ସ୍ତରରେ ଅନେକ ଶିକ୍ଷକମାନଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ହୋଇଥାଏ ଯେଉଁମାନେ ବହୁ-ଶ୍ରେଣୀ ଅବସ୍ଥାର ଠିକ୍ ପ୍ରକାରରେ ପରିଚାଳନା କରିବାରେ ଅସମର୍ଥ ହୋଇଥାନ୍ତି । ଅଧିକନ୍ତୁ ବହୁଶ୍ରେଣୀୟ ସେଥିପାଇଁ ଏହା ଆବଶ୍ୟକ ଅଛି ଯେ ଯେଉଁ ଶିକ୍ଷକ ପ୍ରାଥମିକ ସ୍ତରରେ କାର୍ଯ୍ୟରତ ଅଛନ୍ତି, ସେମାନେ ବହୁଶ୍ରେଣୀ ପରିସ୍ଥିତିରେ ପରିଚାଳନା ନିମନ୍ତେ ପ୍ରକୃତି ଓ ପ୍ରକାର ପରିଚାଳନାଗତ କୌଶଳକୁ ହାସଲ ଆବଶ୍ୟକତା ବିଦ୍ୟାଳୟରୁ ବିଦ୍ୟାଳୟ ଭିନ୍ନ ହୋଇଥାଏ ।

ଗୋଟିଏ ଶ୍ରେଣୀ ତଥା ବହୁ-ଶ୍ରେଣୀ ଉଭୟ ଅବସ୍ଥା ପାଇଁ ଶିକ୍ଷଣ- କାର୍ଯ୍ୟ ଗୁଡିକର ପରିଚାଳନାରେ ଆମକୁ ଦେଖିବାକୁ ହେବ ଯେ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ ନିଜର ପରିଚୟ ଭିନ୍ନ ପ୍ରକାରରେ ପ୍ରଦର୍ଶିତ କରିଥାନ୍ତି । ଏହି ବିଭିନ୍ନତା ସେମାନଙ୍କର ରୁଚି, ବ୍ୟକ୍ତିତ୍ୱ, ଶିଖିବାର ବେଗ ଆଦିର ଆଧାର ଉପରେ ହୋଇଥାଏ । ଶିଖିବାର ଦକ୍ଷତାର ଆଧାରରେ ଛାତ୍ରଛାତ୍ରୀମାନଙ୍କୁ ଭଲ, ମଧ୍ୟମ ତଥା ଦୁର୍ବଳ ରୂପରେ ବୁଝାଯାଏ । ଶିକ୍ଷଣ ଗତି ଅନୁସାରେ ସେମାନଙ୍କୁ ଦ୍ରୁତ, ମଧ୍ୟମ ତଥା ଦୂର୍ବଳ ରୂପରେ ବୁଝାଯାଏ । ଅନ୍ୟ ଭାଷାରେ କହିଲେ, ଉଭୟ ଏକକ ଓ ବହୁ ଶ୍ରେଣୀ ପରିସ୍ଥିତିରେ ବହୁ-ସ୍ତରୀୟ ଛାତ୍ରଛାତ୍ରୀ ଥାଆନ୍ତି । ତେବେ ଗୋଟିଏ ଶିକ୍ଷକଙ୍କୁ ସର୍ବଦା ବହୁ-ସ୍ତରୀୟ ଶ୍ରେଣୀକୁ ପରିଚାଳନା କରିବାର ସମସ୍ୟାକୁ ସମ୍ମୁଖୀନ କରିବାକୁ ପଡିଥାଏ ।

ଏହି ଏକକରେ ଆମେ ବହୁ-ଶ୍ରେଣୀ ତଥା ବହୁ ସ୍ତରୀୟ ଶ୍ରେଣୀର ସମସ୍ୟାଗୁଡିକୁ ବୁଝିବା । ଉପଯୁକ୍ତ ପରିଚାଳନା ଓ କୌଶଳର ଉପଯୋଗରୁ ଏହି ସମସ୍ୟାଗୁଡିକୁ କିପରି ଦୂର କରାଯାଇପାରିବ, ତାହାର ଅଧ୍ୟୟନ ଏହି ଏକକରେ କରିବା । ସେଥିପାଇଁ ଆପଣଙ୍କୁ ହାରାହାରି ୧୪ ଘଣ୍ଟା ଅଧ୍ୟୟନର ଆବଶ୍ୟକତାକୁ ନିଶ୍ଚିତ କରିବାକୁ ହେବ ।

## ୭.୧ ଶିକ୍ଷଣ ଉଦ୍ଦେଶ୍ୟ

ଟିପ୍ପଣୀ

ଏହି ଅଧ୍ୟାୟଟିକୁ ପଢ଼ି ସାରିବା ପରେ ଆପଣ :-

- ବହୁଶ୍ରେଣୀ ଏବଂ ବହୁସ୍ତରୀୟ ପରିସ୍ଥିତିଗୁଡିକରେ ଶିକ୍ଷାଦାନର ଆବଶ୍ୟକତାକୁ ବର୍ଣ୍ଣନା କରିବାକୁ ସମର୍ଥ ହେବେ ।
- ବହୁଶ୍ରେଣୀ ଏବଂ ବହୁ-ସ୍ତରୀୟ ପରିସ୍ଥିତିର ବିଭିନ୍ନ ସମସ୍ୟାଗୁଡିକୁ ଚିହ୍ନଟ କରିପାରିବେ ।
- ବହୁଶ୍ରେଣୀ ପରିସ୍ଥିତିରେ ଗୋଟିଏ ବିଷୟ ସବୁ ଶ୍ରେଣୀରେ ଶିକ୍ଷାଦାନ କରିବାର ବିଭିନ୍ନ କୌଶଳ ବ୍ୟବହାର କରିପାରିବେ ।
- ବହୁଶ୍ରେଣୀ ପରିସ୍ଥିତିରେ ଭିନ୍ନଭିନ୍ନ ଶ୍ରେଣୀରେ ଭିନ୍ନଭିନ୍ନ ବିଷୟରେ ଶିକ୍ଷାଦାନର ବିଭିନ୍ନ କୌଶଳ ବ୍ୟବହାର କରିପାରିବେ ।
- ବିଭିନ୍ନ କୌଶଳ ବ୍ୟବହାର କରି ବହୁ-ସ୍ତରୀୟ ପରିସ୍ଥିତି ସୁ-ପରିଚାଳନା କରିପାରିବେ ।

## ୭.୨ ବହୁ-ଶ୍ରେଣୀ ଅବସ୍ଥା

ଆସ ଏକ ଶିକ୍ଷଣ କାର୍ଯ୍ୟ ଦ୍ୱାରା ଆରମ୍ଭ କରିବା ।

**ଶିକ୍ଷଣ କାର୍ଯ୍ୟ**

ଆପଣଙ୍କ ଅଞ୍ଚଳରେ ଚାଲୁଥିବା ବହୁ-ଶ୍ରେଣୀୟ ପ୍ରାଥମିକ ବିଦ୍ୟାଳୟଗୁଡିକର ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଏପରି ବିଦ୍ୟାଳୟଗୁଡିକର ଶତକଡା ଅନୁପାତ ବାହାର କରନ୍ତୁ ।

ଆପଣଙ୍କ ମଧ୍ୟରେ ଅନେକ ଲୋକ ବହୁ-ଶ୍ରେଣୀ ପରିସ୍ଥିତି (ମଲ୍ଟି-ଗ୍ରେଡ୍-ସିଚୁଏସନ (ଏମ୍. ଜୀ. ଏସ୍)) ସହିତ ଭଲ ଭାବରେ ପରିଚିତ ନୁହନ୍ତି । ତଥାପି ଆପଣ ଏହି ଶବ୍ଦ ସହିତ ସମ୍ବନ୍ଧିତ କ୍ରିୟାଗୁଡିକ ସହିତ ପରିଚିତ ହୋଇଥିବେ । ଆପଣ ଦେଖିଥିବେ ଯେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଗୋଟିଏ ଶିକ୍ଷକ ଦୁଇ ବା ତିନି ଶ୍ରେଣୀର ପିଲାଙ୍କୁ ଗୋଟିଏ କୋଠରୀରେ ଶିକ୍ଷଣ କରାଉଥିବାର । ଏହି ପରିସ୍ଥିତିକୁ ବହୁ-ଶ୍ରେଣୀ ପରିସ୍ଥିତି (ଏମ୍. ଜୀ. ଏସ୍) କୁହାଯାଏ । ଏହି ଶିକ୍ଷାଦାନ ପାଇଁ ଶିକ୍ଷକ ଗ୍ରହଣ କରିଥିବା ଶିକ୍ଷାଦାନ କୌଶଳ କମ୍ ଜନସଂଖ୍ୟା ଥିବା ସୁଦୂର ତଥା ଗ୍ରାମୀଣ କ୍ଷେତ୍ରରେ ଏବଂ ବହୁତ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟଗୁଡିକରେ ସାଧାରଣ ଭାବେ ଦେଖାଯାଇଥାଏ । ବିଭିନ୍ନ

ଟିପ୍ପଣୀ

କାରଣରୁ ଏମ୍. ଜି. ଏସ୍‌ର ଆବଶ୍ୟକତା ଅଛି । ବହୁଶ୍ରେଣୀ ପରିସ୍ଥିତିରେ ଶିକ୍ଷାଦାନର ଗୁରୁତ୍ୱପୂର୍ଣ୍ଣ କାରଣମାନ ନିମ୍ନରେ ଦିଆଗଲା :-

- ନାମାଙ୍କନ ଆଧାରିତ ଶିକ୍ଷକ ଚୟନ ନୀତି :-

ଦେଶରେ ପ୍ରାୟ ସବୁ ରାଜ୍ୟଗୁଡିକରେ ଶିକ୍ଷକ ଚୟନର ଆଧାର ଛାତ୍ରଛାତ୍ରୀ- ଶିକ୍ଷକର ଅନୁପାତ ଯାହା ହାରାହାରି ୪୦ ଅଟେ । (ଅର୍ଥାତ୍ ୪୦ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ) । ବିଦ୍ୟାଳୟରେ ଶ୍ରେଣୀଗୁଡିକର ସଂଖ୍ୟା ବା ଅନୁଭାଗର ସଂଖ୍ୟାର ଆଧାର ଅନୁସାରେ ହେଉନାହିଁ । ଏହା ବ୍ୟତୀତ କଳାପଟା ଅଭିଯାନ ଅନୁସାରେ ଗୋଟିଏ ବିଦ୍ୟାଳୟରେ କମ୍ ପିଲା ଥିଲେ ମଧ୍ୟ ଅତି କମ୍‌ରେ ଦୁଇଜଣ ଶିକ୍ଷକଙ୍କର ବ୍ୟବସ୍ଥା ଅଛି । ଯଦି ଗୋଟିଏ ବିଦ୍ୟାଳୟରେ ୮୦ ବା ତାଠାରୁ କମ୍ ପିଲା ନାମ ଲେଖାଇଥିବେ ସେଠାରେ ଉପରୋକ୍ତ ନିୟମ ଅନୁସାରେ ଅତିକମ୍‌ରେ ଦୁଇଜଣ ଶିକ୍ଷକ ରହନ୍ତି । ଯେଉଁ ବିଦ୍ୟାଳୟରେ ୧୨୦ ପିଲା ନାମାଙ୍କିତ କରିଥାନ୍ତି ସେଠାରେ ତିନିଜଣ ଶିକ୍ଷକ ରହନ୍ତି । ଯାହାହେଉନା କାହିଁକି ଦୁଇଟି ବିଦ୍ୟାଳୟରେ ଶିକ୍ଷକମାନଙ୍କ ସଂଖ୍ୟା ଶ୍ରେଣୀର ସଂଖ୍ୟା ଠାରୁ କମ୍ ଅଟେ । ପରିଣାମ ସ୍ୱରୂପ ଏହି ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ଏକରୁ ଅଧିକ ଶ୍ରେଣୀକୁ ଏକା ସାଙ୍ଗରେ ବ୍ୟବସ୍ଥିତ କରିବାକୁ ପଡିଥାଏ ।

ଯଦିଓ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ରେ ଛାତ୍ର ଶିକ୍ଷକ ଅନୁପାତ ୩୦କୁ କମିଆସିଛି (ପ୍ରାଥମିକ ଶ୍ରେଣୀରେ) ଉଚ୍ଚ ପ୍ରାଥମିକ ଶ୍ରେଣୀରେ ୩୫ ରଖାଯାଇଛି । କିନ୍ତୁ ଏହା ଗୋଟିଏ ଶ୍ରେଣୀ / ଅନୁଭାଗ ପାଇଁ ଜଣେ ଶିକ୍ଷକର ବ୍ୟବସ୍ଥା କରିନାହିଁ । ଆର.ଟି.ଇ ଅନୁସାରେ କେତେ ପିଲା ଅନୁସାରେ କେତେ ଶିକ୍ଷକ ରହିବେ ତାହା ନିମ୍ନ ବାକ୍ସରେ ଦିଆଯାଇଛି ।

ଶିକ୍ଷା ଅଧିକାର ଅଧିନିୟମ ୨୦୦୯ରେ ଶିକ୍ଷକମାନଙ୍କର ବ୍ୟବସ୍ଥାର ମାନଦଣ୍ଡ

(ସିଡ୍ୟୁଲ୍‌ର କ୍ରମାଙ୍କ ୧ ଅନୁସାରେ ଅଧିନିୟମର ଅନୁଭାଗ ୧୯ ତଥା ୨୫ ସହିତ ପଢନ୍ତୁ)

(କ) ପ୍ରଥମରୁ ପଞ୍ଚମ ଶ୍ରେଣୀ

| ନାମାଙ୍କିତ ପିଲା | ଶିକ୍ଷକଙ୍କ ସଂଖ୍ୟା |
|---|---|
| ୬୦ ପର୍ଯ୍ୟନ୍ତ | ୨ |
| ୬୧-୯୦ | ୩ |
| ୯୧-୧୨୦ | ୪ |
| ୧୨୧-୨୦୦ | ୫ |
| ୧୫୦ରୁ ଅଧିକ | ୫+୧ ପ୍ରଧାନଶିକ୍ଷକ |
| ୨୦୦ରୁ ଅଧିକ | ଛାତ୍ର-ଶିକ୍ଷକ ଅନୁପାତ ୪୦ରୁ ଅଧିକ ହେବା ଉଚିତ୍ ନୁହେଁ (ପ୍ରଧାନ ଶିକ୍ଷକଙ୍କୁ ଛାଡି) |

(ଖ) ଷଷ୍ଠଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ

୧. ପ୍ରତ୍ୟେକ ଶ୍ରେଣୀ ପାଇଁ ଅତି କମ୍‌ରେ ଜଣେ ଶିକ୍ଷକ ଯେମିତି ନିମ୍ନଲିଖିତ ବିଷୟରେ ପ୍ରତ୍ୟେକ ପାଇଁ ଜଣେ ଶିକ୍ଷକ ଉପଲବ୍ଧ ହେବ :

(i) ବିଜ୍ଞାନ ଓ ଗଣିତ

(ii) ସାମାଜିକ ଅଧ୍ୟୟନ

(iii) ଭାଷା

୨. ପ୍ରତ୍ୟେକ ୩୫ ପିଲାଙ୍କ ପାଇଁ ଜଣେ ଶିକ୍ଷକ

୩. ଯେଉଁଠି ପିଲାଙ୍କ ନାମଲେଖା ୧୦୦ରୁ ଅଧିକ ହୁଏ :-

(i) ପୁରା ସମୟ ପାଇଁ ଜଣେ ପ୍ରଧାନ ଶିକ୍ଷକ

(ii) ନିମ୍ନ ବିଷୟ ପାଇଁ ସାମୟିକ ଶିକ୍ଷକ

(କ) କଳାଶିକ୍ଷା

(ଖ) ସ୍ୱାସ୍ଥ୍ୟ ଏବଂ ଶାରୀରିକ ଶିକ୍ଷା

(ଗ) କାର୍ଯ୍ୟ-ଶିକ୍ଷା

ତେଣୁ ଏହା ସ୍ପଷ୍ଟ ଯେ ପ୍ରାୟ ଅଧିକାଂଶ ବିଦ୍ୟାଳୟଗୁଡ଼ିକରେ ବହୁ ଶ୍ରେଣୀ ଅବସ୍ଥା ରହିବା ସ୍ୱାଭାବିକ ।

### ❍ ବିଦ୍ୟାଳୟରେ ଆବଶ୍ୟକତାରୁ କମ୍ ଶ୍ରେଣୀ ଗୃହ :-

କେତେକ ବିଦ୍ୟାଳୟ ଏମିତି ଅଛି ଯେଉଁଠି ଆବଶ୍ୟକ ଶ୍ରେଣୀ ଗୃହର ସଂଖ୍ୟା ଆବଶ୍ୟକତା ଠାରୁ କମ୍ ଥାଏ । ଏପରିକି କିଛି ବିଦ୍ୟାଳୟ ଅଛି ଯେଉଁ ଠାରେ ଗୋଟିଏ ବା ଦୁଇଟି ଶ୍ରେଣୀଗୃହ ଥାଏ । ଫଳରେ ଦୁଇ ବା ଅଧିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀରେ ବସିବା ପାଇଁ ବାଧ୍ୟ କରାଯାଇଥାଏ । ଏହି ପରିସ୍ଥିତିରେ ଦୁଇରୁ ଅଧିକ ଶିକ୍ଷକଙ୍କୁ ଶିକ୍ଷାଦାନ କରିବାର ଅସୁବିଧା ହୋଇଥାଏ । ସେଥିପାଇଁ ବିଦ୍ୟାଳୟରେ ଶିକ୍ଷକମାନଙ୍କର ଆବଶ୍ୟକ ସଂଖ୍ୟା ରହି ମଧ ଶ୍ରେଣୀ ଗୃହର କମ୍ କାରଣରୁ ବହୁ-ଶ୍ରେଣୀ ସ୍ଥିତି / ବହୁଶ୍ରେଣୀ ଶିକ୍ଷଣ ଅନିବାର୍ଯ୍ୟ ହୋଇଯାଇଥାଏ ।

### ❍ ଦୂର ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର କାମ କରିବାର ଅନିଚ୍ଛା :-

ଆମ ଦେଶର ଅଧିକାଂଶ ରାଜ୍ୟରେ ଅନେକ ବିଦ୍ୟାଳୟ ଗ୍ରାମାଞ୍ଚଳରେ ଏବଂ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଅଛି । ଏହି ବିଦ୍ୟାଳୟଗୁଡ଼ିକରେ ଅଧିକାଂଶ ଶିକ୍ଷକ କାମ କରିବାକୁ ଚାହାନ୍ତି ନାହିଁ । କାରଣ ହେଉଛି- ଉପଯୁକ୍ତ ଯାତାୟାତର ଅଭାବ । ଶିକ୍ଷକମାନଙ୍କର ଆବାସିକ ବ୍ୟବସ୍ଥାର ଅଭାବ । ଏହା ଦେଖାଯାଇଛି ଯେ ପୁରା ବର୍ଷରେ ଯେତିକି ଶିକ୍ଷକମାନଙ୍କର ନିଯୁକ୍ତି କରାଯାଇଥାଏ ସେଥିରୁ

କମ୍ ଶିକ୍ଷକ ବାସ୍ତବରେ ସେଠାରେ କାର୍ଯ୍ୟରତ ଥାନ୍ତି । ପରିଣାମ ସ୍ୱରୂପ ବହୁ-ଶ୍ରେଣୀ ଅବସ୍ଥା/ବହୁ ଶ୍ରେଣୀ ଶିକ୍ଷଣ ଏହି ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକ ହୋଇଥାଏ ।

- **ଶିକ୍ଷକମାନଙ୍କ ଅନୁପସ୍ଥିତି :-**

ଶିକ୍ଷକମାନଙ୍କର ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଆଧାର ଉପରେ ଲମ୍ବା ଛୁଟିରେ ରହିବା କିମ୍ବା ବାହାରର ଅଣଶିକ୍ଷଣ କାର୍ଯ୍ୟରେ ନିଯୁକ୍ତ ଥିବାରୁ ବିଦ୍ୟାଳୟରେ ବହୁ-ଶ୍ରେଣୀ ଅବସ୍ଥା ଏବଂ ବହୁ-ଶ୍ରେଣୀ ଶିକ୍ଷଣ ପରିସ୍ଥିତି ଉତ୍ପନ୍ନ ହୋଇଯାଇଥାଏ ।

- **ବିଦ୍ୟାଳୟରେ ବିଶେଷ କାର୍ଯ୍ୟକ୍ରମର ପରିଚାଳନା:-**

ବର୍ତ୍ତମାନ ବହୁତ ଗୁଡ଼ିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯେମିତି - କେତେବେଳେ ବିଦ୍ୟାଳୟରେ ଆଦୌ ନାମାଙ୍କିତ ନହୋଇ ଏବଂ ପାଠତ୍ୟାଗୀଙ୍କ ପାଇଁ ବ୍ରିଜ୍ କୋର୍ସ, ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷା ଏବଂ ସ୍ଥାନାନ୍ତରିତ ହୋଇ ଆସିଥିବା ପିଲାମାନଙ୍କର ଶିକ୍ଷା ଆଦି ଅନେକ କାର୍ଯ୍ୟକ୍ରମ ପ୍ରାଥମିକ ବିଦ୍ୟାଳୟରେ ଏକା ସାଙ୍ଗରେ ହୋଇଥାଏ । ଏଥିପାଇଁ ଏହି ବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ବୟସର ତଥା ଯୋଗ୍ୟତା ଥିବା ୨୦-୪୦ ପିଲାଙ୍କ ପାଇଁ ବିଶେଷ ବ୍ୟବସ୍ଥା କରାଯାଇଥାଏ । ଏହି ବିଭିନ୍ନ ପ୍ରକାରର ପିଲାମାନଙ୍କ ସହ କାମ କରିବାରେ ଶିକ୍ଷକମାନଙ୍କୁ ବହୁ-ଶ୍ରେଣୀୟ ସ୍ଥିତିର ସମ୍ମୁଖୀନ କରିବାକୁ ପଡ଼ିଥାଏ ।

- **ଶିକ୍ଷକମାନଙ୍କ ନିଯୁକ୍ତିରେ ବିଳମ୍ବ :-**

ବେଳେବେଳେ ବିଦ୍ୟାଳୟରେ ଖାଲି ସ୍ଥାନରେ ଶିକ୍ଷକମାନଙ୍କର ନିଯୁକ୍ତିରେ ଡେରି ହେବା କାରଣରୁ ଜଣେ ବା ଦୁଇ ଶିକ୍ଷକମାନଙ୍କୁ ସବୁ ଶ୍ରେଣୀଗୁଡ଼ିକୁ ପରିଚାଳନା କରିବା ପାଇଁ ବାଧ୍ୟ କରାଯାଇଥାଏ । ଏହି କାରଣରୁ ବିଦ୍ୟାଳୟରେ ସ୍ୱତଃ ହିଁ ବହୁ-ଶ୍ରେଣୀୟ ସ୍ଥିତି ଗ୍ରହଣ କରିବାର ଆବଶ୍ୟକତା ଉତ୍ପନ୍ନ ହୋଇଯାଇଥାଏ ।

ଏହି କାରଣଗୁଡ଼ିକୁ ଆଧାର କରି ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବହୁ-ଶ୍ରେଣୀୟ ପରିସ୍ଥିତି ବର୍ତ୍ତମାନ ସମୟରେ ଏକ ସାଧାରଣ ଘଟଣା ଭାବେ ସ୍ୱୀକାର କରାଯାଇଥାଏ । ସେଥିପାଇଁ ଆପଣଙ୍କ ପାଇଁ ବହୁ-ଶ୍ରେଣୀୟ ପରିସ୍ଥିତି ଓ ବହୁ-ଶ୍ରେଣୀ ଶିକ୍ଷଣର ଆବଶ୍ୟକତା ଅଛି । ସେହି ସଂପର୍କରେ ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଏବଂ ଶିକ୍ଷଣକୁ ପ୍ରଭାବଶାଳୀ କରିବା ପାଇଁ ଉପଯୁକ୍ତ ଶିକ୍ଷଣ ତଥା ପରଚାଳନା ସଂବଧିତ କୌଶଳ ତଥା ଦକ୍ଷତାଗୁଡ଼ିକୁ ହାସଲ କରିବାକୁ ହେବ ।

## ୭.୨.୧ ବହୁଶ୍ରେଣୀୟ ପରିସ୍ଥିତିର ସମସ୍ୟା

ଯେ କୌଣସି ଶିକ୍ଷକ ପାଇଁ ବହୁ-ଶ୍ରେଣୀୟ ପରିସ୍ଥିତିରେ ଶିକ୍ଷାଦାନ ଆହ୍ୱାନମୂଳକ ହୋଇଥାଏ । ଆପଣ ଯଦି ବହୁ-ଶ୍ରେଣୀ ଶିକ୍ଷଣର ଗୁଢ ସମସ୍ୟା ଭଲଭାବେ ବୁଝିଥାନ୍ତି ତେବେ ସ୍ଥିତିକୁ ଭଲଭାବରେ ସମ୍ଭାଳିବାରେ ଆପଣ ସମର୍ଥ ହୋଇପାରିବେ । ଆମେ ଏହି ସମସ୍ୟାଗୁଡ଼ିକୁ ନିମ୍ନପ୍ରକାରରେ ବୁଝିପାରିବା :-

- ବହୁ-ଶ୍ରେଣୀୟ ପରିସ୍ଥିତିରେ କାର୍ଯ୍ୟ କରୁଥିବା କାର୍ଯ୍ୟଭାରକୁ ବଢାଇ ଦେଇଥାଏ । ଶ୍ରେଣୀରେ ଶିକ୍ଷାଦାନ ବ୍ୟତୀତ ଜଣେ ଶିକ୍ଷକ ପ୍ରତିଦିନ ପାଠ ଟୀକା ପ୍ରସ୍ତୁତ କରିବା, ଶିକ୍ଷଣ ସାମଗ୍ରୀ ତିଆରି ବା ସଂଗ୍ରହ କରିବା, ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଗୃହ କାର୍ଯ୍ୟର ତଦାରଖ କରିବା ଆଦି କାର୍ଯ୍ୟ ସଂପନ୍ନ କରିଥାନ୍ତି । ଏହି କାର୍ଯ୍ୟକୁ କରିବାକୁ ଯାଇ ଅନେକ ଅସୁବିଧାର ସାମନା କରିବାକୁ ପଡିଥାଏ, ପରିଣାମ ସ୍ୱରୂପ ବାଞ୍ଛିତ ଶିକ୍ଷଣ ଫଳାଫଳ ପ୍ରାପ୍ତି ହୋଇନଥାଏ ।

- ବହୁ-ଶ୍ରେଣୀୟ ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ଭିନ୍ନଭିନ୍ନ ଶ୍ରେଣୀର ଏବଂ ବିଭିନ୍ନ ଶିକ୍ଷଣ ଯୋଗ୍ୟତା ଯୁକ୍ତ ହୋଇଥାନ୍ତି । ତେଣୁ ଶିକ୍ଷକଙ୍କୁ ସେହି ସବୁ ଭିନ୍ନତାଗୁଡିକୁ ଧ୍ୟାନରେ ରଖି ଯୋଜନା କରିବା କଠିନ ହୋଇଯାଇଥାଏ ।

- ବହୁ-ଶ୍ରେଣୀ ଅବସ୍ଥାରେ ଶିକ୍ଷକମାନଙ୍କ ଉପରେ ଅଧିକ କାର୍ଯ୍ୟ ବୋଝର କାରଣ ପାଇଁ ଛାତ୍ରଛାତ୍ରୀମାନଙ୍କ ଉପରେ ବ୍ୟକ୍ତିଗତ ଧ୍ୟାନ ଦେବା ଏବଂ ସେମାନଙ୍କୁ ଅଭିପ୍ରେରିତ କରିବା ସମ୍ଭବ ହୁଏ ନାହିଁ । ଗ୍ରାମାଞ୍ଚଳ ଏବଂ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଅଧିକାଂଶ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ ଥାଏ । ତେଣୁ ଏକରୁ ଅନେକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ଶିକ୍ଷାଦାନ ଓ ଶିକ୍ଷଣକାର୍ଯ୍ୟ ଗୋଟିଏ ଶ୍ରେଣୀ ଗୃହରେ କରିବା ଅତ୍ୟନ୍ତ ଅସୁବିଧାଜନକ ହୋଇଥାଏ ।

- ପ୍ରାଥମିକ ବିଦ୍ୟାଳୟ ସ୍ତରରେ ସାଧାରଣତଃ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ଏକକ ଶ୍ରେଣୀ ଶିକ୍ଷଣକୁ ଆଖି ଆଗରେ ରଖି କରାଯାଇଥାଏ । ତେଣୁ ପାଠ୍ୟକ୍ରମ ବହୁଶ୍ରେଣୀ ଶିକ୍ଷଣ ପରିସ୍ଥିତିରେ ନିର୍ଦ୍ଦିଷ୍ଟ ସମୟରେ ଶେଷ କରିବା କଠିନ ହୋଇଥାଏ ।

- ଆମ୍ଭେମାନେ ସମସ୍ତେ ଏକକ ଶ୍ରେଣୀରେ ନିର୍ଦ୍ଦିଷ୍ଟ ସମୟ ସାରଣୀ ସହିତ ଭଲଭାବେ ପରିଚିତ । କିନ୍ତୁ ବହୁ-ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ପାଇଁ ସମୟ ସାରଣୀ ତିଆରି କରିବା ସମ୍ପୂର୍ଣ୍ଣ ଅଲଗା କାର୍ଯ୍ୟ । ଏହି କ୍ରିୟାରେ ସବୁ ଭିନ୍ନତାଗୁଡିକୁ ଧ୍ୟାନରେ ରଖି ଗଭୀର ଚିନ୍ତନର ଆବଶ୍ୟକତା ଅଛି ।

- ବହୁ-ଶ୍ରେଣୀୟ ଶିକ୍ଷାଦାନ ବ୍ୟବସ୍ଥାରେ ଜଣେ ଶିକ୍ଷକ ପ୍ରତ୍ୟେକ ଶ୍ରେଣୀରେ ପଢାଇବା ପାଇଁ ବହୁତ କମ୍ ସମୟ ପାଆନ୍ତି । ପରିଣାମ ସ୍ୱରୂପ ଛାତ୍ରଛାତ୍ରୀମାନଙ୍କ ସଙ୍ଗରେ ସେମାନଙ୍କର ସମ୍ବନ୍ଧ ଅଧିକ ଗଭୀର ହୋଇପାରେ ନାହିଁ ଯେଉଁଥିରେ ସେମାନେ ଛାତ୍ରଛାତ୍ରୀମାନଙ୍କର ପୂର୍ଣ୍ଣ ସହାୟତା କରିପାରନ୍ତି ନାହିଁ ।

- ବହୁ-ଶ୍ରେଣୀ ଅବସ୍ଥାରେ ଗୋଟିଏ ଶ୍ରେଣୀରେ ଶିକ୍ଷଣ କ୍ରିୟାକୁ ଅନ୍ୟ ଶ୍ରେଣୀର କ୍ରିୟାକୁ ପ୍ରଭାବିତ / ବାଧା ଦେଇଥାଏ । ଉଦାହରଣସ୍ୱରୂପ ଗୋଟିଏ ଶ୍ରେଣୀରେ କାହାଣୀ ଶୁଣାଇବା ବା କବିତା ପାଠକାର୍ଯ୍ୟ ହେଉଅଛି ଅନ୍ୟ ଶ୍ରେଣୀରେ ଛାତ୍ରଛାତ୍ରୀମାନଙ୍କର ଏହାଦ୍ୱାରା ଶିକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ । କିମ୍ବା ସେମାନେ ଉକ୍ତ କାର୍ଯ୍ୟ ପ୍ରତି ଆକର୍ଷିତ ହୋଇଥାନ୍ତି ଏବଂ ନିଜର ଶିକ୍ଷଣ କାର୍ଯ୍ୟ କରନ୍ତି ନାହିଁ ।

- ବାସ୍ତବରେ ଶ୍ରେଣୀ ଭିତରେ ପ୍ରତ୍ୟେକ ଛାତ୍ରଛାତ୍ରୀ ସାର୍ଥକ ଅନୁଭବ ପ୍ରାପ୍ତ କରିପାରନ୍ତି ଯଦି ତାକୁ କୌଣସି ପ୍ରକାର ଶିକ୍ଷଣ କାର୍ଯ୍ୟରେ ନିଯୁକ୍ତ କରାଯାଏ । କିନ୍ତୁ ବହୁ-ଶ୍ରେଣୀୟ ଅବସ୍ଥାରେ

ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ଶିକ୍ଷଣକାର୍ଯ୍ୟରେ ନିଯୁକ୍ତ କରିହୁଏ ନାହିଁ ।

- ଯଦି ଗୋଟିଏ ବିଦ୍ୟାଳୟରେ ମାତ୍ର ଗୋଟିଏ ଶିକ୍ଷକ ଥାଆନ୍ତି ଏବଂ ଯଦି ସେ କୌଣସି ଦିନ ବିଦ୍ୟାଳୟରେ ଅନୁପସ୍ଥିତ ହୁଅନ୍ତି ତାହେଲେ ପୁରା ବିଦ୍ୟାଳୟ ବନ୍ଦ ହୋଇଯାଏ । ତାଙ୍କର ନିୟନ୍ତ୍ରଣରେ ଥିବା ସବୁ ଶ୍ରେଣୀର ଶିକ୍ଷଣ ଉପେକ୍ଷିତ ହୋଇଯାଏ ।

**ଶିକ୍ଷଣ କାର୍ଯ୍ୟ - ୨**

ଜଣେ ଶିକ୍ଷକ ହିସାବରେ ଆପଣ ବା ଆପଣଙ୍କ ସହକର୍ମୀଙ୍କର ବହୁ-ଶ୍ରେଣୀୟ ପରିସ୍ଥିତିର ଅନୁଭୂତି ଥିବ । ନିଜର ଅନୁଭବ ବା ନିଜ ସାଙ୍ଗମାନଙ୍କ ସହିତ ଆଲୋଚନାର ଆଧାରରେ ଉପରୋକ୍ତ ସମସ୍ୟାଗୁଡିକ ବ୍ୟତୀତ ବହୁ-ଶ୍ରେଣୀ ଅବସ୍ଥାର ସମସ୍ୟାଗୁଡିକର ଏକ ସାରଣୀ ତିଆରି କରନ୍ତୁ ।

______________________________________

______________________________________

______________________________________

______________________________________

______________________________________

______________________________________

ବହୁ-ଶ୍ରେଣୀୟ ପରିସ୍ଥିତି / ବହୁ-ଶ୍ରେଣୀୟ ଶିକ୍ଷଣର ଏହି ସବୁ ସମସ୍ୟାଗୁଡିକ ସଫଳ ଭାବରେ ସମାଧାନ ହୋଇପାରିବ ଯଦି ଶ୍ରେଣୀର ବ୍ୟବସ୍ଥା ପାଇଁ ଉପଯୁକ୍ତ ସୁନିୟୋଜିତ ଶ୍ରେଣୀ ପରିଚାଳନା ଏବଂ ଶିକ୍ଷାଦାନ ଶିକ୍ଷଣ ପ୍ରବଧିଗୁଡିକର ତଥା ଶିକ୍ଷଣ କୌଶଳଗୁଡିକର ଯୋଜନା ବଦ୍ଧ ଭାବେ ଚୟନ ଓ କାର୍ଯ୍ୟକରିବା ପାଇଁ ପନ୍ଥା ସ୍ଥିର କରିପାରିବା ।

### ୭.୨.୨ ବହୁ-ଶ୍ରେଣୀ ଶିକ୍ଷାଦାନ ପାଇଁ ପରିଚାଳନାଗତ କୌଶଳ

ବହୁଶ୍ରେଣୀ ଶିକ୍ଷଣକୁ କଠିନ ଭାବିବାର ଏକ କାରଣ ହେଉଛି ଆମେ ବହୁ-ଶ୍ରେଣୀୟ ବ୍ୟବସ୍ଥାକୁ ଏକକ ଶ୍ରେଣୀ ବ୍ୟବସ୍ଥାର ପରିଚିତ ବିଧି ଦ୍ୱାରା ବ୍ୟବସ୍ଥିତ କରିବାର ପ୍ରୟାସ କରିଥାଉ । କିନ୍ତୁ ଏକକ ଶ୍ରେଣୀ ଓ ବହୁ-ଶ୍ରେଣୀୟ ବ୍ୟବସ୍ଥା ହେଉଛି ଦୁଇ ଭିନ୍ନଭିନ୍ନ ଅବସ୍ଥା ଅଟେ । ଏଣୁ ଆମକୁ



ଟିପ୍ପଣୀ

ଦୁଇଟି ଅବସ୍ଥାରେ ଶିକ୍ଷଣର ସହଜୀକରଣ ପାଇଁ ଅଲଗା ଅଲଗା ଶିକ୍ଷଣ ତଥା ପରିଚାଳନା କୌଶଳ ପ୍ରୟୋଗ କରିବାକୁ ହେବ। ଏହା ମୁଖ୍ୟତଃ ଆମକୁ ବିଭିନ୍ନ ଶ୍ରେଣୀର ବିଷୟରେ ବିଭିନ୍ନ ଶିକ୍ଷଣ ତଥା ପରିଚାଳନା କୌଶଳର ଦକ୍ଷତା କିପରି ପ୍ରୟୋଗ କରିବାକୁ ତହା ଉପରେ ନିର୍ଭର କରେ। ଏହି ବିଶ୍ୱାସ ଅଛି କି ବହୁ-ଶ୍ରେଣୀ ଶିକ୍ଷଣର ପରିଚାଳନା ଏକକ ଶ୍ରେଣୀ ଶିକ୍ଷଣର ପରିଚାଳନାଠାରୁ କଠିନ ଅଟେ। ଏହା କୌଣସି ବିଶେଷ କାରଣ ଉପରେ ଆଧାରିତ ହୋଇ ନଥାଏ। ଶ୍ରେଣୀଟି ଏକକ-ଶ୍ରେଣୀ ବା ବହୁ-ଶ୍ରେଣୀ ସେ ଯାହା ହେଉଥାଉନା କାହିଁକି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେ ଏହି କଥା ଉପରେ ଯୋର ଦେବା ଆବଶ୍ୟକ ଯେପରି ପ୍ରତ୍ୟେକ ଛାତ୍ରଛାତ୍ରୀ ଫଳପ୍ରଦ ଭାବରେ ଶିକ୍ଷାପାଇପାରିବେ।

ଏହି ବିଷୟରେ ବହୁ-ଶ୍ରେଣୀ ଶିକ୍ଷଣର ଫଳପ୍ରଦ ପରିଚାଳନାରେ, ପାରମ୍ପରିକ ଶିକ୍ଷକ କେନ୍ଦ୍ରିକ ତୁଳନାରେ ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା ଅଧିକ ଉପଯୁକ୍ତ ହେବ। ବହୁ-ସ୍ତରୀୟ ଶିକ୍ଷଣ ପରିଚାଳନାରେ, ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା ଅବଲମ୍ବନ କରିବା ସମୟରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ନିମ୍ନ ଚାରୋଟି ବିନ୍ଦୁ ଉପରେ ଧ୍ୟାନ ଦେବା ଆବଶ୍ୟକ ଅଛି।

- ଶ୍ରେଣୀ-ସଂଗଠନ
- ଛାତ୍ରଛାତ୍ରୀମାନଙ୍କର ଦଳଗଠନ
- ଶିକ୍ଷଣ ସାମଗ୍ରୀର ବ୍ୟବସ୍ଥା
- ଶିକ୍ଷଣ ଅବସ୍ଥାର ଯୋଜନା ତିଆରି

### ଶ୍ରେଣୀ-ସଂଗଠନ

ନିଜର ଅନୁଭବ ଆଧାରରେ ଆପଣ ଜାଣିଛନ୍ତି ଯେ ଶିକ୍ଷଣ ତଥା ଶିକ୍ଷଣରେ ଗୁଣାତ୍ମତାକୁ ବଢାଇବାରେ ଶ୍ରେଣୀ-ସଂଗଠନ ଗୋଟିଏ ମହତ୍ୱପୂର୍ଣ୍ଣ କାରଣ ଅଟେ। ବିଶେଷକରି ବହୁ-ଶ୍ରେଣୀ ଅବସ୍ଥାରେ ଏହା ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ।

ନିଜର ଶ୍ରେଣୀ ଶିକ୍ଷାଦାନ ଅନୁଭୂତିକୁ ମନେପକାଇ ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପ୍ରୟାସ କରନ୍ତୁ।

- ଫଳପ୍ରଦ ଶିକ୍ଷଣକୁ ସହଜୀକରଣ କରିବା ପାଇଁ ଆପଣ ଶ୍ରେଣୀରେ ଉପଲବ୍ଧ ସ୍ଥାନର ଉପେଯାଗ କେମିତି କରନ୍ତି ?
- ଛାତ୍ରଛାତ୍ରୀମାନଙ୍କର କ୍ରିୟା ପ୍ରତିକ୍ରିୟା ପାଇଁ ଶ୍ରେଣୀରେ ଆପଣ ଗୋଟିଏ ସୁସ୍ଥ ବାତାବରଣର ନିର୍ମାଣ କେମିତି କରନ୍ତି ?
- ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ସହଜୀକରଣ ପାଇଁ ଶ୍ରେଣୀରେ କେଉଁ ସାମଗ୍ରୀର ଉପଯୋଗ କରନ୍ତି ?


ଏହିସବୁ ପ୍ରଶ୍ନଗୁଡିକ ପାଇଁ ଆପଣଙ୍କର ଉତ୍ତର ନିମ୍ନଲିଖିତ ସହିତ ସଂବଧିତ ହୋଇପାରିବ।

ଶ୍ରେଣୀରେ ଉପଲବ୍ଧ ସ୍ଥାନର ପ୍ରୟୋଗ, ପିଲାମାନଙ୍କର ବସିବା ପାଇଁ ଉପଯୁକ୍ତ ବ୍ୟବସ୍ଥା, ଶିକ୍ଷଣ ପାଇଁ ଚେୟାର ଟେବୁଲ୍ ତଥା କଳାପଟା ଉଚିତ୍ ସ୍ଥାନରେ ରହିବା, ଶିକ୍ଷଣ ସାମଗ୍ରୀର ପ୍ରଦର୍ଶନ, ଛାତ୍ରଛାତ୍ରୀମାନଙ୍କର ସୃଜନଶୀଳ କାର୍ଯ୍ୟର ପ୍ରଦର୍ଶନ, ଛାତ୍ରଛାତ୍ରୀମାନଙ୍କର କ୍ରିୟା-କଳାପ (ବ୍ୟକ୍ତିଗତ ତଥା ଦଳଗତ ହେବା) ପାଇଁ ବ୍ୟବସ୍ଥା ଆଦି । ଏହିସବୁ ଶ୍ରେଣୀ-କୋଠରୀର ସଂଗଠନ ସଂବଧିତ ଅଟେ । ଆପଣ ପାଠକୁ ଯେତେ ଭଲ ଭାବେ ପ୍ରସ୍ତୁତି କରିଥାନ୍ତୁ, ପରେ ଗୋଟିଏ ଖରାପ ଶ୍ରେଣୀ-କକ୍ଷ ସଂଗଠନ ଆପଣଙ୍କ ଶିକ୍ଷଣକୁ କମ୍ ପ୍ରଭାବୀ କରି ଦେଇଥାଏ । ଆସନ୍ତୁ ଦେଖିବା ଯେ ବହୁ-ଶ୍ରେଣୀୟ ପରିସ୍ଥିତିରେ ଶ୍ରେଣୀ-କୋଠରୀର ସଂଗଠନ ପାଇଁ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକର ଯତ୍ନ ନେବା କିପରି ଆବଶ୍ୟକ ।

## ସ୍ଥାନର ପରିଚାଳନା

ଗୋଟିଏ ବହୁ-ଶ୍ରେଣୀ ପରିସ୍ଥିତି ଶିକ୍ଷାଦାନ ପାଇଁ କୋଠରୀର ସ୍ଥାନର ସଂଗଠନ ବିଶେଷ ଗୁରୁତ୍ୱପୂର୍ଣ୍ଣ ଅଟେ । ଶ୍ରେଣୀରେ ଯେ କୌଣସି ସ୍ଥାନ ଉପଲବ୍ଧ ହେଉ ତାହାକୁ ବିଭିନ୍ନ ପ୍ରକାରର ଉପଯୋଗରେ ଅଣାଯାଏ । ଯେମିତି ଶିକ୍ଷଣ କୋଣ, ଶିକ୍ଷଣ କାର୍ଯ୍ୟ (କୋଣ), ପ୍ରଶ୍ନ କ୍ଷେତ୍ର, ଅଭିଭାବକ କୋଣ, ଛାତ୍ରଛାତ୍ରୀମାନଙ୍କର ବସିବା ସ୍ଥାନ, ଶିକ୍ଷକଙ୍କ ପାଇଁ ସ୍ଥାନ ଏବଂ କଳାପଟା ତଥା ପ୍ରଦର୍ଶନ ପଟା ରଖିବା ପାଇଁ ସ୍ଥାନ ଇତ୍ୟାଦି । ଉଦାହରଣ ସ୍ୱରୂପ - ଶ୍ରେଣୀ କୋଠରୀରେ ବିଭିନ୍ନ କ୍ରିୟାଗୁଡ଼ିକ ଯୋଗୁ ସ୍ଥାନର ପ୍ରବଧନର ଚିତ୍ର-୧ରେ ପ୍ରଦର୍ଶିତ ହୋଇଯାଇଅଛି । ଏହାକୁ ଦେଖନ୍ତୁ ।

ଚିତ୍ର -୭.୧: ଶ୍ରେଣୀ କୋଠରୀର ବିଭିନ୍ନ କାର୍ଯ୍ୟର ସ୍ଥାନ ବ୍ୟବସ୍ଥା




ବହୁ-ଶ୍ରେଣୀ ଶିକ୍ଷଣ ପାଇଁ ଶ୍ରେଣୀ-କୋଠରୀରେ ସ୍ଥାନର ବ୍ୟବସ୍ଥା କରିବା ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଦରକାର:

- ପରସ୍ପରର ଅସୁବିଧା ନକରି ଛାତ୍ରଛାତ୍ରୀମାନେ ଦଳରେ ଆରାମରେ ବସିବେ ।
- ଶ୍ରେଣୀ-କୋଠରୀ ଓ ଝରକା ଉପରେ ପ୍ରଦର୍ଶିତ ସାମଗ୍ରୀ ପ୍ରଦର୍ଶନ ଯୋଗୁ ଯେପରି ଆଲୋକ ଏବଂ ବାୟୁର ଚଳାଚଳରେ ବାଧା ନ ଆସେ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।
- ଆବଶ୍ୟକ ସ୍ଥଳେ ଦଳଗତ କାର୍ଯ୍ୟ ସମୟରେ ଦଳରୁ ଯିବା ପାଇଁ ଶିକ୍ଷଣ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଯଥେଷ୍ଟ ସ୍ଥାନ ରହିବା ଆବଶ୍ୟକ ।


- ଛାତ୍ରଛାତ୍ରୀମାନେ କଳାପଟା ଏବଂ ଶିକ୍ଷଣ ସାମଗ୍ରୀର କୋଣ ପର୍ଯ୍ୟନ୍ତ ସହଜରେ ପହଞ୍ଚିପାରିବେ ଏବଂ ଏହି ସୁବିଧାଗୁଡିକର ବ୍ୟବହାର ସହଜରେ କରିପାରିବେ ।
- ଶିକ୍ଷଣ କୋଣ, ଅଭିଭାବକ କୋଣ, ପ୍ରଶ୍ନ କୋଣ ଆଦି ଛାତ୍ରଛାତ୍ରୀମାନଙ୍କର ବ୍ୟବହାର ପାଇଁ ସେମାନଙ୍କୁ ସହଜ ହୋଇପାରୁଥିବ ।

### ବସିବାର ବ୍ୟବସ୍ଥା

ସାଧାରଣତଃ ଏକକ ଶ୍ରେଣୀ ଶିକ୍ଷଣରେ ଆପଣ ଛାତ୍ରଛାତ୍ରୀମାନଙ୍କର ବସିବା ପାଇଁ ବିଭିନ୍ନ ପ୍ରକାରର ବସିବାର ବ୍ୟବସ୍ଥା କରିଥାନ୍ତି । ଯାହାଦ୍ୱାରା ସେମାନଙ୍କ ପାଇଁ ଦଳଗତ କାର୍ଯ୍ୟ, ସ୍ୱ ଶିକ୍ଷଣ ତଥା ଅନ୍ୟ ଶିକ୍ଷଣ କାର୍ଯ୍ୟ ସୁବିଧା ହୋଇଥାଏ । ଏକକ ଶ୍ରେଣୀ ପରିସ୍ଥିତିର ବସିବାର ବ୍ୟବସ୍ଥାର ପ୍ରକୃତି ଓ ପ୍ରକାର ଶିକ୍ଷଣ କାର୍ଯ୍ୟ ଅନୁସାରେ ହୋଇଥାଏ । କିନ୍ତୁ ବହୁ-ଶ୍ରେଣୀୟ ପରିସ୍ଥିତିରେ ବସିବାର ବ୍ୟବସ୍ଥା ଏକକ ଶ୍ରେଣୀ ବ୍ୟବସ୍ଥା ଠାରୁ ଭିନ୍ନ ଅଟେ । ବହୁ-ଶ୍ରେଣୀ ବ୍ୟବସ୍ଥାରେ ଉପଯୁକ୍ତ ବସିବାର ବ୍ୟବସ୍ଥା ଏକ ପ୍ରାଥମିକ ଆବଶ୍ୟକତା ଅଟେ । ଏହା କେବଳ ବିଭିନ୍ନ ଶ୍ରେଣୀକୁ ଗୋଟିଏ କୋଠରୀରେ ବସିବାର କାରଣରୁ ଉତ୍ପନ୍ନ ବ୍ୟବଧାନ ବାଧାକୁ କମ୍ କରିବା ପାଇଁ ନୁହେଁ କିନ୍ତୁ ବିଭିନ୍ନ ଶ୍ରେଣୀଗୁଡିକରେ ଭିନ୍ନ ଭିନ୍ନ ଗତିବିଧିଗୁଡିକର ସଂଗଠନ ତଥା ଶିକ୍ଷଣକୁ ଫଳପ୍ରଦ କରିବାକୁ ଉପଯୁକ୍ତ ବାତାବରଣ ନିର୍ମାଣ ପାଇଁ ମଧ୍ୟ ଆବଶ୍ୟକ ଅଟେ ।

ବହୁ ଶ୍ରେଣୀ କୋଠରୀରେ ବସିବାର ବ୍ୟବସ୍ଥା ଏହି କଥା ଉପରେ ନିର୍ଭର କରିଥାଏ ଯେ ଆପଣ କେଉଁ ଶିକ୍ଷଣ କ୍ରିୟାଗୁଡିକୁ ଯୋଜନା କରିଥାନ୍ତି । କିନ୍ତୁ ବ୍ୟବସ୍ଥାରେ ଆପଣ ଯେଉଁ ଶ୍ରେଣୀଗୁଡିକୁ ସମ୍ଭାଳନ୍ତି, ସେହିସବୁ (ଶ୍ରେଣୀଗୁଡିକ) ପାଇଁ ଗତିବିଧିଗୁଡିକର ନିୟୋଜନ ଆପଣ କରିଥାନ୍ତି । ବହୁ ଶ୍ରେଣୀ ପରିସ୍ଥିତି ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଅନୁସାରେ ବସିବା ଶୈଳୀ ଭିନ୍ନଭିନ୍ନ ହୋଇଥାଏ । କିଛି କ୍ଷେତ୍ରରେ ସମସ୍ତ ଶ୍ରେଣୀ ପାଇଁ ସମାନ ଶିକ୍ଷଣ କାର୍ଯ୍ୟ ଶିକ୍ଷକ ନେଇ ପାରନ୍ତି । ଅନ୍ୟ ପରିସ୍ଥିତିରେ ଯତ୍ନ ସହକାରେ ଉପଯୁକ୍ତ ବସିବା ପ୍ରଣାଳୀ ଅବଲମ୍ବନ କରିବାକୁ ହେବ । ଆସନ୍ତୁ ନିମ୍ନ ଚିତ୍ରରୁ ବହୁ ଶ୍ରେଣୀୟ ପରିସ୍ଥିତିରେ କିଛି ବସିବା ପ୍ରଣାଳୀ ଦେଖିବା ।

ଚିତ୍ର-୭.୨କୁ ଦେଖନ୍ତୁ ଏବଂ ଛାତ୍ରଛାତ୍ରୀମାନଙ୍କର ବସିବା ବ୍ୟବସ୍ଥା ଦେଖନ୍ତୁ :-





ଚିତ୍ର ୭.୨

ଟିପ୍ପଣୀ

- ଛାତ୍ରଛାତ୍ରୀ ନିଜ ଶ୍ରେଣୀ ଅନୁସାରେ (ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ) ଅଲଗା ଅଲଗା ଧାଡିରେ ଗୋଟିଏ କଳାପଟା ଆଡକୁ ମୁହଁ କରି ବସି ଅଛନ୍ତି ।
- କଳାପଟା ସେମାନଙ୍କ ସମ୍ମୁଖରେ ଏପରି ଭାବରେ ରଖାଯାଇଛି ଯେ ସେମାନେ ସମସ୍ତେ ଏହାକୁ ଦେଖିପାରିବେ ।
- ଶିକ୍ଷକ ପ୍ରତ୍ୟେକ ଶ୍ରେଣୀର ସମ୍ମୁଖରେ ଆବଶ୍ୟକତା ଅନୁସାରେ ଛିଡା ହେବେ ଯେମିତି ଶିକ୍ଷଣ କାର୍ଯ୍ୟ କରିପାରିବେ ।
- ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାମ୍ନା ସାମ୍ନି କ୍ରିୟା ପ୍ରତିକ୍ରିୟା ପାଇଁ ଏହା ସୁବିଧାଜନକ ହେବ ।
- ଯଦି ସବୁ ପ୍ରକାରର ଶିକ୍ଷଣ କାର୍ଯ୍ୟ ପାଇଁ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଶ୍ରେଣୀରେ ସମଯୋଜିତ କରି ରଖାଯାଏ, ଯାହା ଏକକ ଶ୍ରେଣୀ ବ୍ୟବସ୍ଥାର ବିଶେଷତା ଅଟେ । ସେଠାରେ ଛାତ୍ରଛାତ୍ରୀମାନଙ୍କ କ୍ରିୟା ପ୍ରତିକ୍ରିୟା (ଗୋଟିଏ ଶ୍ରେଣୀ ଭିତରେ ଓ ଶ୍ରେଣୀ ଶ୍ରେଣୀ ଭିତରେ) ହୋଇପାରିବ ନାହିଁ ।

ଚିତ୍ର-୭.୩ ରେ ଅନ୍ୟ ପ୍ରକାରରେ ବହୁ-ଶ୍ରେଣୀ ବ୍ୟବସ୍ଥାରେ ଛାତ୍ରଛାତ୍ରୀମାନଙ୍କୁ ବସିବା ବ୍ୟବସ୍ଥା ଦର୍ଶାଯାଇଛି, ଯେଉଁଠି ଯେତେ ସଂଖ୍ୟାର ଶ୍ରେଣୀ ଅଛି, ସେତିକିଟି କଳାପଟାର ବ୍ୟବସ୍ଥା ମଧ୍ୟ ଅଛି । ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀ ଏକ ଅନ୍ୟକୁ ପଛକରି ଅର୍ଥାତ୍ କଳାପଟା ସମ୍ମୁଖରେ ବସିଛନ୍ତି, ଯେମିତିକି ଚିତ୍ରରେ ଦେଖାଯାଇଛି ।





ଚିତ୍ର ୭.୩

ଶ୍ରେଣୀରେ ଏହି ପ୍ରକାର ବସିବାର ବ୍ୟବସ୍ଥାରେ:-


- ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଭିନ୍ନ ଶିକ୍ଷଣକାର୍ଯ୍ୟ ଗୁଡିକରେ ସାମିଲ କରାଯାଇଥାଏ ।
- ଯେତେବେଳେ ଶିକ୍ଷକ କୌଣସି ଏକ ଶ୍ରେଣୀରେ ପଢାଉଥାନ୍ତି, ଅନ୍ୟ ଶ୍ରେଣୀରେ ଛାତ୍ରଛାତ୍ରୀମାନେ ଅନ୍ୟ ପ୍ରକାରର ସ୍ୱ-ଶିକ୍ଷଣ ବା ଦଳଗତ-କ୍ରିୟାରେ ନିମଜ୍ଜିତ ଥାନ୍ତି ।
- ମୌଖିକ କାର୍ଯ୍ୟର ପରିଚାଳନା, ବିଶେଷକରି ଭାଷାର ପରିବେଷଣ ସରଳ ଏବଂ ସୁବିଧାଜନକ ହୋଇଯାଇଥାଏ ।

ଚିତ୍ର-୭.୪ରେ ଏପରି ବ୍ୟବସ୍ଥା ଦର୍ଶାଇ ଦିଆଯାଇଅଛି ଯେଉଁଥିରେ ତିନୋଟି ଶ୍ରେଣୀକୁ ଏକା ସାଙ୍ଗରେ ନଯୋଜିତ କରାଯାଇଅଛି ।





ଚିତ୍ର-୭.୫ରେ ଅନ୍ୟ ପ୍ରକାର ବସିବାର ବ୍ୟବସ୍ଥା ପ୍ରଦର୍ଶିତ କରାଯାଇଛି । ଯେଉଁଠି ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀମାନେ ଗୋଟିଏ ଅର୍ଦ୍ଧବୃତ୍ତାକାରରେ ଶିକ୍ଷକ ଏବଂ କଳାପଟାର ସମ୍ମୁଖରେ ବସିଅଛନ୍ତି । ଏହି ପ୍ରକାରର ବ୍ୟବସ୍ଥା ସବୁ ଛାତ୍ରଛାତ୍ରୀଙ୍କ ପାଇଁ ସାଧାରଣ ଗତିବିଧିଗୁଡିକର ପରିଚାଳନାରେ ଆପଣଙ୍କୁ ସାହାଯ୍ୟ କରେ । ଯେମିତିକି କିଛି ଚିତ୍ର ତଥା ମଡେଲ୍ର ପ୍ରଦର୍ଶନ, କାହାଣୀ ଶୁଣାଇବା, ଖେଳ ଖେଳିବା ତଥା ଅନ୍ୟ ଶିକ୍ଷଣ କାର୍ଯ୍ୟ କରିବା ଇତ୍ୟାଦି ।

ଟିପ୍ପଣୀ




ଚିତ୍ର - ୭.୫

ଚିତ୍ର-୭.୬ରେ ବିଭିନ୍ନ ଶ୍ରେଣୀଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ଏକା ସଙ୍ଗେ ମିଶାଇ ସେମାନଙ୍କଠାରୁ ଭିନ୍ନ ଭିନ୍ନ ଯୋଗ୍ୟତା (ଉଚ୍ଚ, ମଧ୍ୟମ, କମ୍) ଥିବା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଦଳରେ ରଖାଯାଏ। ବସିବାକୁ ଏହି ବ୍ୟବସ୍ଥା ଉକ୍ତ ବର୍ଣ୍ଣିତ ବ୍ୟବସ୍ଥାଗୁଡିକରୁ ଭିନ୍ନ ଅଟେ। ଯେଉଁଥିରେ ଶ୍ରେଣୀଗୁଡିକୁ ଚିହ୍ନଟ କରିବା ପାଇଁ ସେମାନଙ୍କୁ ଅଲଗା କରି ବସାଯାଏ । ପ୍ରସ୍ତୁତ ବ୍ୟବସ୍ଥା ବିଷମ କରିବା ପ୍ରକ୍ରିୟାର ଏକ ଉଦାହରଣ ହେଉଛି ଯେଉଁଠି ଅନ୍ତରକ୍ରିୟା ତଥା ନିର୍ଦ୍ଦେଶନା ଉଚ୍ଚ ଯୋଗ୍ୟତା ଥିବା ପିଲାମାନଙ୍କ ଦ୍ୱାରା ସମ୍ଭବ ହୋଇଥାଏ।




(ବିଭିନ୍ନ ଶ୍ରେଣୀର ଉଚ୍ଚ, ମଧ୍ୟମ ଓ କମ୍ ଯୋଗ୍ୟତା ଥିବା ଛାତ୍ରଛାତ୍ରୀ ଦଳ)

ଚିତ୍ର-୭.୬



ଟିପ୍ପଣୀ

କାର୍ଯ୍ୟକ୍ରମ -୩:
ବହୁ-ଶ୍ରେଣୀ ବ୍ୟବସ୍ଥାରେ ବସିବାର ବ୍ୟବସ୍ଥା ପାଇଁ ଅଭିନବ ପ୍ରଣାଳୀ ଚିନ୍ତାକର, ନିଜର ସାଙ୍ଗମାନଙ୍କୁ ସଙ୍ଗରେ ନେଇ ଏହାର ଆଲୋଚନା କର ଏବଂ ଏହାକୁ ଚିତ୍ର ଦ୍ୱାରା ଦର୍ଶାଅ ।

ବହୁ ଶ୍ରେଣୀ ବ୍ୟବସ୍ଥାରେ ଛାତ୍ରଛାତ୍ରୀମାନଙ୍କର ବସିବାର ଉପରୋକ୍ତ ଢଙ୍ଗ ଗୁଡିକ କେବଳ ଉଦାହରଣ ସ୍ୱରୂପ ଦିଆଯାଇଛି ଯାହା ବହୁ-ଶ୍ରେଣୀ ସ୍ଥିତିଗୁଡିକରେ ପ୍ରୟୋଗରେ ଅଣାଯାଇ ପାରିବ । ଆପଣ ବହୁ-ଶ୍ରେଣୀ ଅବସ୍ଥାରେ ଯେଉଁ ଶିକ୍ଷାଦାନ ବିଷୟ କ୍ରିୟାଗୁଡିକ ନିୟୋଜିତ କରିଥାନ୍ତି ସେହି ଅନୁସାରେ ବସିବାର ବ୍ୟବସ୍ଥା ସଂଗଠିତ କରିପାରିବେ ।

ପ୍ରତ୍ୟେକ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟଠାରୁ ଭିନ୍ନ ଥାଏ । ତେଣୁ ଶିକ୍ଷଣକାର୍ଯ୍ୟ ପାଇଁ ଆବଶ୍ୟକତା ଏବଂ ଉପଲବ୍ଧ ସ୍ଥାନକୁ ଆଧାର କରି ଆପଣ ଶ୍ରେଣୀର ବ୍ୟବସ୍ଥା ସ୍ୱତନ୍ତ୍ର ଭାବେ କରିବେ । ଅଭିନବ ପ୍ରଣାଳୀରେ ବସିବାର ବ୍ୟବସ୍ଥା କରିବା ସହିତ ଆପଣ କଳ୍ପନାଶୀଳ ରହିବେ ଏବଂ ଆରାମଦାୟକ ପ୍ରଣାଳୀରେ କାମ କରିବା ପାଇଁ ଶ୍ରେଣୀର ବାହାରେ ମଧ ବସିବା ସ୍ଥାନର ବ୍ୟବସ୍ଥା କରିପାରନ୍ତି । ଉଦାହରଣ ସ୍ୱରୂପ- ପିଲାମାନଙ୍କ ଦ୍ୱାରା କାଠର ମଡେଲ୍ ତିଆରି କରିବା, ପେଣ୍ଟିଙ୍ଗ୍ କାର୍ଯ୍ୟ, ପ୍ରବନ୍ଧ ଲେଖାଲେଖି ଇତ୍ୟାଦି କାର୍ଯ୍ୟ ପାଇଁ ପିଲାମାନଙ୍କୁ ବାରଣ୍ଡା ବା ଶ୍ରେଣୀ ବାହାରେ ଖୋଲା ସ୍ଥାନରେ ବସିବାର ବ୍ୟବସ୍ଥା କରାଯାଇପାରେ ଯାହାଫଳରେ ଅନ୍ୟ ଶ୍ରେଣୀରେ କମ୍ ଅସୁବିଧା ହୋଇଥାଏ । ଯଦି ଆପଣଙ୍କ ଶ୍ରେଣୀରେ ପିଲାମାନଙ୍କ ସଂଖ୍ୟା ବହୁତ ଅଧିକ ଅଛି, ତାହାହେଲେ ଆପଣ ସେଥିରୁ ଗୋଟିଏ ଛୋଟ ଦଳକୁ ପଢିବା (ରିଡିଙ୍ଗ୍) ପାଇଁ ଶ୍ରେଣୀର ବାହାରେ ଥିବା ଆମ୍ବଗଛ ପାଖକୁ ପଠାଇପାରନ୍ତି । ତେଣୁ ସେ ତତ୍ ସଂପର୍କିତ କାର୍ଯ୍ୟଗୁଡିକର ଅଭ୍ୟାସ କରିପାରନ୍ତି । ନିଜ ସ୍ଥାନୀୟ ଅବସ୍ଥାରେ ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ସ୍ତର ତଥା ଶିକ୍ଷଣ ଆବଶ୍ୟକତା, ଉପଲବ୍ଧି ସ୍ଥାନ, ଶିକ୍ଷଣ ସାମଗ୍ରୀ ତଥା ପ୍ରବଧିକୁ ଆଧାର କରି ଆପଣ ଉପଯୁକ୍ତ ବସିବାର ବ୍ୟବସ୍ଥା ଗ୍ରହଣ କରିପାରିବେ ।

E-୧ ଗୋଟିଏ ବିଶେଷ ବସିବା ବ୍ୟବସ୍ଥା ଯୋଜନା କରିବା ସମୟରେ ଆପଣଙ୍କୁ ଶ୍ରେଣୀର କେଉଁ ପରିସ୍ଥିତିଗୁଡିକୁ ଧ୍ୟାନରେ ରଖିବା ଆବଶ୍ୟକ ଅଛି ? ବର୍ଣ୍ଣନା କରନ୍ତୁ ।

ଟିପ୍ପଣୀ

### ଛାତ୍ରଛାତ୍ରୀମାନଙ୍କ ଦଳଗଠନ:-

ଉପଯୁକ୍ତ ବସିବା ପ୍ରଣାଳୀ ପରି ପିଲାମାନଙ୍କର ଦଳ ଗଠନ ବହୁ ଶ୍ରେଣୀ ଶିକ୍ଷଣ ପରିଚାଳନା ପାଇଁ ଏକ ସଫଳ କୌଶଳ ଅଟେ । ଛାତ୍ରଛାତ୍ରୀମାନେ ଯେତେବେଳେ ଦଳରେ କାର୍ଯ୍ୟ କରନ୍ତି, ସେତେବେଳେ ସେମାନେ ଭଲଭାବେ ଶିଖିପାରନ୍ତି ଏବଂ ଭଲଭାବରେ ପ୍ରଗତି କରିପାରନ୍ତି । ଶିଖିବା ବ୍ୟତୀତ ଦଳଗତ ଶିକ୍ଷଣ ସାମାଜିକ କୌଶଳର ବିକାଶରେ ସହାୟକ ହୋଇଥାଏ । ଯେମିତି ଅନ୍ୟ ସଙ୍ଗେ ସହଯୋଗରେ କାର୍ଯ୍ୟ କରିବା, ସାମୂହିକ ନିର୍ଣ୍ଣୟ ନେବା, ଅନ୍ୟର ବିଚାରକୁ ସମ୍ମାନଦେବା ତଥା ବାଣ୍ଟିବା, ନେତୃତ୍ୱର ଭୂମିକାକୁ ବୁଝିବା ତଥା ସ୍ୱୀକାର କରିବା ଇତ୍ୟାଦି । ଦଳଗତ କାମ କରିବାଦ୍ୱାରା ସହପାଠୀ ଶିକ୍ଷଣ (ପିୟର ଲର୍ଣ୍ଣିଙ୍ଗ୍) ହୋଇଥାଏ । ଏହି ଆଧାରରେ ବହୁ-ଶ୍ରେଣୀ ଶିକ୍ଷଣକୁ ଯଦି ଦଳରେ ପରିଚାଳନ କରାଯାଏ ତାହାହେଲେ ଅଧିକ ପ୍ରଭାବଶାଳୀ ହୋଇପାରିବ ।

ବହୁ-ଶ୍ରେଣୀ ପରିସ୍ଥିତିରେ ବିଭିନ୍ନ ପ୍ରକାରର ଦଳ ତିଆରି କରାଯାଇପାରିବ । ଦୁଇ ମୁଖ୍ୟ ପ୍ରକାରର ଦଳ କରିବାର ବିଧିଗୁଡିକ ଶ୍ରେଣୀ ଆଧାରିତ, ଯୋଗ୍ୟତା ଆଧାରିତ ନିମ୍ନରେ ଆଲୋଚନା କରାଯାଇଛି ।


### (i) ଶ୍ରେଣୀ ଆଧାରିତ ଦଳଗଠନ:-

ନାମରୁ ଏହା ସ୍ପଷ୍ଟ ହେଉଛି ଯେ ବହୁ-ଶ୍ରେଣୀ ପରିସ୍ଥିତିରେ ଦଳଗଠନ କରିବାର ଆଧାର ଶ୍ରେଣୀ ଅଟେ । (ଯେ କୌଣସି ଗୋଟିଏ ଶ୍ରେଣୀରେ ଗୋଟିଏ ଦଳ ବା ବିଭିନ୍ନ ଶ୍ରେଣୀକୁ ମିଶାଇ ଗୋଟିଏ ଦଳରେ ରଖିବା) । ବହୁ ଶ୍ରେଣୀୟ ଅବସ୍ଥାରେ ଦଳଗଠନର ଏହା ଏକ ସାଧାରଣ ଦଳଗଠନ ପ୍ରଣାଳୀ । ଏହି ପ୍ରକାରର ଦଳଗଠନ ଏକ ଧାରଣା ଉପରେ ଆଧାରିତ ଅଟେ ଯେ ଏକା ବୟସର ପିଲାମାନେ ସମଗତିରେ ପ୍ରଗତି କରିଥାନ୍ତି ।

ଗୋଟିଏ ବହୁ-ଶ୍ରେଣୀ ଶିକ୍ଷକ ହିସାବରେ ଆପଣ ଏକାଥରେ ଅତିବେଶୀରେ ତିନୋଟି ଦଳର ପରିଚାଳନା କରିପାରିବେ । ଯଦି ଆବଶ୍ୟକ ହୁଏ ଏହି ଆଧାରରେ ଦୁଇ ପାଖାପାଖି ପିଲାଙ୍କୁ ଏକ ଦଳରେ ସାମିଲ କରିପାରିବେ । ବିଭିନ୍ନ ଶ୍ରେଣୀ ପିଲାଙ୍କୁ ନେଇ ଦଳଗଠନର କୌଶଳ ନିମ୍ନ ଉଦାହରଣରେ ବର୍ଣ୍ଣନା କରାଯାଇଛି ।

ଉଦାହରଣ- ୧ :-

ପାଞ୍ଚୋଟି ଶ୍ରେଣୀ ଏବଂ ଗୋଟିଏ ଶିକ୍ଷକ ଥିବା ଏକ ବିଦ୍ୟାଳୟରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀକୁ ମିଶାଇ ଗୋଟିଏ ଦଳ, ତୃତୀୟ ଓ ଚତୁର୍ଥ ଶ୍ରେଣୀକୁ ମିଶାଇ ଅନ୍ୟ ଏକ ଦଳ ଏବଂ ପ୍ରଥମ ଶ୍ରେଣୀକୁ ଗୋଟିଏ ଦଳରେ ରଖାଯାଇପାରିବ । ଯେମିତିକି ଚିତ୍ର ୭.୭ରେ ଦେଖାଇ ଦିଆଯାଇଛି ।





ଚିତ୍ର ୭.୭

ପ୍ରଥମ ଶ୍ରେଣୀର ପିଲାମାନେ ବିଦ୍ୟାଳୟରେ ନୂଆ ଅଟନ୍ତି । ତେଣୁ ସେମାନଙ୍କୁ ବିଶେଷ ଦେଖାଶୁଣା ବା ଧ୍ୟାନ ଦେବାର ଆବଶ୍ୟକତା ଅଛି । ଏହି କାରଣରୁ ପ୍ରଥମ ଶ୍ରେଣୀକୁ ନୂତନ ଦଳରେ ରଖାଯାଇଅଛି । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀକୁ ମିଶାଇ ଅଲଗା ଦଳ ତିଆରି କରାଯାଇଛି କାରଣ ସେହି ଶ୍ରେଣୀଗୁଡ଼ିକ ପରସ୍ପର ସହିତ ସଂଲଗ୍ନ ଅଟନ୍ତି । ସେମାନଙ୍କ ପଠ୍ୟକ୍ରମରେ ମଧ୍ୟ କିଛି ସାମଞ୍ଜସ୍ୟ ଅଛି ଯାହା ସହପାଠୀ ଶିକ୍ଷଣ, ସ୍ୱଶିକ୍ଷଣ ପ୍ରତିକାରାତ୍ମକ, ଶିକ୍ଷଣ ସହଭାଗୀ ଶିକ୍ଷଣ ଆଦିକୁ ଅଧିକ ଫଳପ୍ରଦ କରିଥାଏ ।

ଉଦାହରଣ-୨ :-


ପାଞ୍ଚୋଟି ଶ୍ରେଣୀ ଏବଂ ଦୁଇ ଶିକ୍ଷକ ଥିବା ବିଦ୍ୟାଳୟରେ ନିମ୍ନ ପ୍ରକାରର ଦଳଗଠନ କରାଯାଇପାରିବ, ଯାହା ଦୁଇ ଶିକ୍ଷକଙ୍କ ନିୟନ୍ତ୍ରଣରେ ରଖିପାରିବେ । ଏହି ନିମ୍ନ ଚିତ୍ର ୭.୮ରେ ଅଙ୍କିତ କରାଯାଇଛି ।

ଚିତ୍ର ୭.୮



ଚିତ୍ର-୭.୮ରେ ପ୍ରଥମ ଶ୍ରେଣୀକୁ ଗୋଟିଏ ଦଳ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ଏକ ଦଳରେ ରଖାଯାଇଅଛି । ଦୁଇଟି ଦଳକୁ ଜଣେ ଶିକ୍ଷକ ନିୟନ୍ତ୍ରଣରେ ରଖାଯାଇଛି । ଚତୁର୍ଥ ଓ ପଞ୍ଚମ ଶ୍ରେଣୀକୁ ଗୋଟିଏ ଅଲଗା ଦଳରେ ଏବଂ ଅନ୍ୟ ଶିକ୍ଷକଙ୍କ ନିୟନ୍ତ୍ରଣରେ ରଖାଯାଇଅଛି । ଚିତ୍ର ୭.୯ରେ ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଦଳ କରାଯାଇଛି ଏବଂ ସେମାନଙ୍କୁ ଗୋଟିଏ ଶିକ୍ଷକଙ୍କ ନିୟନ୍ତ୍ରଣରେ ରଖାଯାଇଅଛି । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଦ୍ୱିତୀୟ ଦଳରେ ରଖାଯାଇଅଛି । ଦୁଇଟି ଦଳକୁ ଅନ୍ୟ ଏକ ଶିକ୍ଷକଙ୍କ ନିୟନ୍ତ୍ରଣରେ ରଖାଯାଇଅଛି ।

ଚିତ୍ର ୭.୯ରେ ସ୍ପଷ୍ଟ ଯେ ପ୍ରଥମ ଶ୍ରେଣୀ ଉପରେ ଅଧିକ ଯୋର ଦିଆଯାଇଅଛି ଏବଂ ଏହାର ପୁରାପୁରି ଜଣେ ଶିକ୍ଷକଙ୍କ ନିୟନ୍ତ୍ରଣରେ ରଖାଯାଇଅଛି ।




ଚିତ୍ର ୭.୯

ଶ୍ରେଣୀ ଆଧାରିତ ଦଳଗଠନ ସେତେବେଳେ ସୁବିଧାଜନକ ହୋଇଥାଏ ଯେତେବେଳେ ପାଞ୍ଚୋଟି ଶ୍ରେଣୀ ଥିବା ଗୋଟିଏ ପ୍ରାଥମିକ ବିଦ୍ୟାଳୟରେ ତିନି ବା ତିନିରୁ ଅଧିକ ଶିକ୍ଷକ ବାସ୍ତବରେ ନିୟୋଜିତ ରହିଥାନ୍ତି । ଶ୍ରେଣୀ ଆଧାରିତ ଦଳଗଠନ କରିବା ସମୟରେ ନିମ୍ନଲିଖିତ ଗୁଡ଼ିକରେ ଧ୍ୟାନ ଦେବା ଆବଶ୍ୟକ:-

- ପ୍ରଥମ ଶ୍ରେଣୀକୁ ଗୋଟିଏ ଅଲଗା ଦଳରେ ରଖିବା ଉଚିତ୍ ଯେମିତିକି ସେମାନଙ୍କ ଉପରେ ଅଧିକ ଧ୍ୟାନ ଦିଆଯାଇପାରିବ ।
- ପାଖାପାଖି ଶ୍ରେଣୀଗୁଡ଼ିକୁ ଗୋଟିଏ ଦଳରେ ରଖିବା ଦରକାର କାରଣ ଏହି ପ୍ରକାରରେ ମିଶିବା ଦ୍ୱାରା ଶିକ୍ଷଣ-କାର୍ଯ୍ୟ ଅଧିକ ପ୍ରଭାବଶାଳୀ ହୋଇଯାଏ ।
- ଯଦି ପାଖାପାଖି ଶ୍ରେଣୀଗୁଡ଼ିକରେ ପିଲାମାନଙ୍କର ସଂଖ୍ୟା ୪୦ରୁ ଅଧିକ ହୋଇଥାଏ ତାହେଲେ ସେହି ଶ୍ରେଣୀଗୁଡ଼ିକୁ ଗୋଟିଏ ଦଳରେ ରଖିବା ଉଚିତ୍ ନୁହେଁ କାରଣ ଏପରି କରିବା ଦ୍ୱାରା ଗୋଟିଏ ଦଳରେ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ଅସାଧାରଣ ଭାବେ ବଢ଼ିଯିବ ଯାହା ଗୋଟିଏ ଫଳପ୍ରଦ ଶିକ୍ଷଣ ପାଇଁ ସୁବିଧାଜନକ ହେବ ନାହିଁ ।



ଟିପ୍ପଣୀ

- ଯଦି ଆପଣଙ୍କୁ ଦୁଇଟି ଦଳର ପରିଚାଳନା କରିବାକୁ ପଡିଥାଏ ତାହେଲେ ସମ୍ଭବତଃ ପାଖାପାଖି ଶ୍ରେଣୀଗୁଡିକୁ ଗୋଟିଏ ଦଳରେ ରଖିବା ଉଚିତ୍ ।

## (ii) ଯୋଗ୍ୟତା ଆଧାରିତ ଦଳଗଠନ:-

ସାଧାରଣତଃ ପିଲାମାନେ ଦଳଗତ ଶିକ୍ଷଣ କାର୍ଯ୍ୟ ବିଶେଷତଃ ଛୋଟ ଦଳ କାର୍ଯ୍ୟରୁ ବହୁତ ଗୁଡିଏ ଶିକ୍ଷଣ ଅନୁଭବ କରିଥାନ୍ତି । ତେଣିକି ଏକକ ବା ବହୁ-ଶ୍ରେଣୀ ଅବସ୍ଥା ହେଉ, ଦଳଗତ ଶିକ୍ଷଣର ବ୍ୟକ୍ତିଗତ ଶିକ୍ଷଣକୁ ବହୁତ ବଡ ଅବଦାନ ରହିଥାଏ । ଯେତେବେଳେ ଶ୍ରେଣୀଗୁଡିକର ଆଧାର ନକରି ପିଲାମାନଙ୍କର ବିଭିନ୍ନ ବିଷୟ କ୍ଷେତ୍ରରେ ବିଭିନ୍ନ ଯୋଗ୍ୟତାକୁ ଆଧାର କରି ଦଳ ତିଆରି କରାଯାଏ ଏହାକୁ ଯୋଗ୍ୟତା ଆଧାରିତ ଦଳଗଠନ କୁହାଯାଏ । ଏହି ପରିପ୍ରେକ୍ଷୀରେ ଯୋଗ୍ୟତା ଶବ୍ଦର ଅର୍ଥ ଶିକ୍ଷାର୍ଥୀର ଶିକ୍ଷଣ କ୍ଷମତା ଏବଂ ଶିକ୍ଷଣର ଗତି ଦୁଇଟିକୁ ବୁଝାଏ । ଶିକ୍ଷଣ କ୍ଷମତାର ମାନ ଅନୁସାରେ ସେହି ଛାତ୍ରଛାତ୍ରୀ ଯେଉଁମାନେ ଗୋଟିଏ ବିଷୟରେ ଅଧିକ ଶିକ୍ଷଣ ଅନୁଭବ କରିଥାଆନ୍ତି, ସେମାନଙ୍କୁ ଉଚ୍ଚ ଯୋଗ୍ୟତା ଥିବା ଛାତ୍ରଛାତ୍ରୀ ଏବଂ ଯେଉଁ ଛାତ୍ରଛାତ୍ରୀ ଗୋଟିଏ ବିଷୟରେ କମ୍ ଶିକ୍ଷଣ ଅନୁଭବ ଅର୍ଜନ କରିବାର କ୍ଷମତା ରଖିଥାନ୍ତି ସେମାନଙ୍କୁ କମ୍ ଯୋଗ୍ୟତା ଥିବା ଛାତ୍ରଛାତ୍ରୀ ହିସାବରେ ଗଣାଯାଇଥାଏ । ଶିକ୍ଷଣ-ଗତି ଅନୁସାରେ ସେହି ଛାତ୍ରଛାତ୍ରୀ ଯେଉଁମାନେ ତୀବ୍ର ଗତିରେ ଶିଖିଥାନ୍ତି ସେମାନଙ୍କୁ କ୍ଷିପ୍ର ଶିକ୍ଷାର୍ଥୀ ରୂପରେ ନାମିତ କରାଯାଇଥାଏ ଏବଂ ଯେଉଁମାନେ ଧୀର ଗତିରେ ଶିଖନ୍ତି ସେମାନଙ୍କୁ ମନ୍ଥର କୁହାଯାଇଥାଏ । ଉଚ୍ଚ ଯୋଗ୍ୟତା ଥିବା ଛାତ୍ରଛାତ୍ରୀ ସାଧାରଣତଃ କ୍ଷିପ୍ର ଶିକ୍ଷାର୍ଥୀ ତଥା ଭଲ ଉପଲବ୍ଧି ଥିବା ଶିକ୍ଷାର୍ଥୀ । ଏହାର ବିପରୀତ ମନ୍ଥର ଶିକ୍ଷାର୍ଥୀ ମନ୍ଦ ତଥା ନିମ୍ନ ଉପଲବ୍ଧି ସ୍ତରର ଛାତ୍ରଛାତ୍ରୀ । ତେଣୁ ଛାତ୍ରଛାତ୍ରୀମାନଙ୍କର ଯୋଗ୍ୟତାକୁ ଆଧାର କରି ଦୁଇ ପ୍ରକାର ଯୋଗ୍ୟତା ଭିତ୍ତିକ ଦଳ ଗଠନ କରାଯାଇପାରେ ।

- ସମାନ ଯୋଗ୍ୟତା:- ସମଜାତୀୟ ଦଳ ଯେଉଁଥିରେ ସମାନ ସ୍ତରର ଯୋଗ୍ୟତା ଥିବା (ଉଚ୍ଚ ଯୋଗ୍ୟତା ସଂପନ୍ନ ଦଳ, ମଧ୍ୟମ ଯୋଗ୍ୟତା ସମ୍ପନ୍ନ ଦଳ ଏବଂ ନିମ୍ନ ଯୋଗ୍ୟତା ସମ୍ପନ୍ନ ଦଳ) ଛାତ୍ରଛାତ୍ରୀ ଥାଆନ୍ତି ।
- ମିଶ୍ରିତ ଯୋଗ୍ୟତା:- ବିସମ ଜାତୀୟଦଳ ଯେଉଁଥିରେ ଭିନ୍ନ ଯୋଗ୍ୟତା ସ୍ତର (ଉଚ୍ଚ ତଥା ନିମ୍ନ ଯୋଗ୍ୟତା ଥିବା ଛାତ୍ରଛାତ୍ରୀ ଗୋଟିଏ ଦଳରେ)ର ଛାତ୍ରଛାତ୍ରୀ ଥାଆନ୍ତି ।

ଏହି ପ୍ରକାରର ଯୋଗ୍ୟତା ଭିତ୍ତିକ ଦଳଗଠନ ବିଭିନ୍ନ ବିଷୟ ପାଇଁ ଭିନ୍ନ ହୋଇପାରିଥାଏ । ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗୋଟିଏ ବିଷୟରେ ଏପରି ଯୋଗ୍ୟତା ଦଳ ତିଆରି ସମୟରେ ଆପଣଙ୍କୁ ସର୍ବପ୍ରଥମେ ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ଉପଲବ୍ଧି ସ୍ତରକୁ ନିଶ୍ଚିତ କରିବା ଦରକାର । ଏହି କାର୍ଯ୍ୟ ପାଇଁ ଆପଣ ଛାତ୍ରଛାତ୍ରୀମାନଙ୍କର ପୂର୍ବ ପରୀକ୍ଷାର ଫଳାଫଳ ବିବରଣୀ ଉପଯୋଗ କରିପାରନ୍ତି । ସେମାନଙ୍କ ଯୋଗ୍ୟତାର ଆକଳନ ପାଇଁ ପରୀକ୍ଷା ପରିଚାଳନା କରିପାରନ୍ତି ବା ସ୍ୱ-ନିରିକ୍ଷଣ ଦ୍ୱାରା ବା ନିଜ ଅନୁଭବର ପ୍ରୟୋଗ କରିପାରନ୍ତି ।

- ସମାନ ଯୋଗ୍ୟତା ଦଳ:- ଯେତେବେଳେ ଆପଣ ସମାନ ଯୋଗ୍ୟତା ଦଳ କରିଥାନ୍ତି ସେତେବେଳେ ଆପଣଙ୍କୁ ଦଳରେ ଉପଯୁକ୍ତ ପାଠ ଏବଂ ପ୍ରତିଦଳ ପାଇଁ ଉପଯୁକ୍ତ ସହାୟକ

ଟିପ୍ପଣୀ

ଶିକ୍ଷଣକାର୍ଯ୍ୟ ପ୍ରସ୍ତୁତି କରିବା ଆବଶ୍ୟକ ଥାଏ । ଉଦାହରଣ ସ୍ୱରୂପ - ନିମ୍ନ ଉପଲବ୍ଧି ଥିବା ଦଳ ପାଇଁ ଆପଣଙ୍କୁ ବିଷୟରେ ସର୍ବନିମ୍ନ ଦକ୍ଷତା ହାସଲ କରିବା ପାଇଁ ଅଧିକ ଯୋର ଦେବା ଆବଶ୍ୟକ ହୋଇଥାଏ । ଯେତେବେଳେ ଉଚ୍ଚ ଯୋଗ୍ୟତା ସଂପନ୍ନ ଦଳ ପାଇଁ ଆପଣଙ୍କୁ ବିଷୟ-ଶିକ୍ଷଣକୁ ସୁଦୃଢ଼ କରିବା ପାଇଁ ଅଧିକ ଯୋର ଦେବା ଦରକାର ହୋଇଥାଏ ସେତେବେଳେ ବିଷୟ ଅନୁସାରେ ଆପଣଙ୍କୁ ଦଳଗଠନରେ ପରିବର୍ତ୍ତନ ଆବଶ୍ୟକ ହୋଇଥାଏ । କାରଣ ଯଦି ଗୋଟିଏ ଛାତ୍ର ଯେ କି ଗଣିତରେ ଉଚ୍ଚ ଉପଲବ୍ଧି ଦଳରେ ସାମିଲ୍ ହୋଇଥାଏ, ସେ ଭାଷା ବା ଅନ୍ୟ ବିଷୟଗୁଡ଼ିକରେ ନିମ୍ନ ଉପଲବ୍ଧି ଦଳରେ ସମ୍ମିଳିତ ହୋଇପାରିବ ।

ସମାନ ଯୋଗ୍ୟତା ଭିତ୍ତିକ ଦଳଗଠନର ଉପକାରଗୁଡ଼ିକ ହେଉଛି:-

୧. ଛାତ୍ରଛାତ୍ରୀମାନେ ନିଜ ଗତି ଅନୁସାରେ ଅଧ୍ୟୟନ କରିପାରିବେ । କାରଣ ସେମାନେ ସମାନ ଯୋଗ୍ୟତା-ସ୍ତରର ଥାଆନ୍ତି ।

୨. ଏହା ଗଣିତ ତଥା ଭାଷା ଭଳି ବିଷୟଗୁଡ଼ିକରେ ଦଳଗତ ଶିକ୍ଷଣକାର୍ଯ୍ୟ ପାଇଁ ଭଲହୋଇଥାଏ ।

୩. ଦଳରେ ଛାତ୍ରଛାତ୍ରୀ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଅଧିକ ସହଯୋଗ ପ୍ରଦାନ କରିଥାନ୍ତି ଯାହାକି ନିଜର ସମାନ ପ୍ରଗତିକୁ ଅବଗତ ରହିଥାଏ ।

୪. ଏହା ମନ୍ଥର ଶିକ୍ଷାର୍ଥୀ ପାଇଁ ଉପଚାରତ୍ମକ ପାଠ ନିଯୋଜନ କରିଥାଏ ତଥା ତୀବ୍ର ଉପଲବ୍ଧି ହୋଇ ଛାତ୍ରଛାତ୍ରୀମାନଙ୍କର ପାଠକୁ ସୁଦୃଢ଼ କରିବା ପାଇଁ ସମୃଦ୍ଧ ଶିକ୍ଷଣକାର୍ଯ୍ୟ କରିଥାଏ ।

**ସବୁଠାରୁ ଅସୁବିଧା :-**

ଏହି ପ୍ରକାରର ଦଳଗଠନରେ ଶିକ୍ଷାଦାନ ଶିକ୍ଷଣକାର୍ଯ୍ୟ ସଂପାଦନ ପରେ ମଧ୍ୟ ଦଳଗୁଡ଼ିକର ମଧ୍ୟରେ ଦକ୍ଷତାର ବ୍ୟବଧାନ କିଛି ହ୍ରାସ ହୁଏ ନାହିଁ । ଫଳରେ ଉଚ୍ଚ ଉପଲବ୍ଧି ଛାତ୍ରଛାତ୍ରୀମାନେ ଉଚ୍ଚ ଉପଲବ୍ଧି ସ୍ତରରେ ଓ ନିମ୍ନ ସେହି ନିମ୍ନସ୍ତରରେ ଥାଆନ୍ତି । ଛାତ୍ରଛାତ୍ରୀମାନେ ଥରେ ନିମ୍ନବର୍ଗର ଶିକ୍ଷାର୍ଥୀ ବୋଲି ପରିଚିତ ହୋଇଗଲେ ସେମାନେ ଆଗକୁ ଶିଖିବା ପାଇଁ ନିଜର ଆତ୍ମବିଶ୍ୱାସ, ରୁଚି ତଥା ଆଗ୍ରହ ହରାଇ ଦିଅନ୍ତି ।

- **ମିଶ୍ରିତ ଯୋଗ୍ୟତା ଦଳ:-**

ଯେତେବେଳେ ବିଭିନ୍ନ ଯୋଗ୍ୟତା ସ୍ତର ଥିବା ଛାତ୍ରଛାତ୍ରୀମାନଙ୍କର ଗୋଟିଏ ଦଳ ଗଠନ କରିଥାନ୍ତି, ତାହାକୁ ମିଶ୍ରିତ ଯୋଗ୍ୟତା ଦଳ କୁହାଯାଏ । ଆପଣ ଉଚ୍ଚ, ମଧ୍ୟମ ଓ ନିମ୍ନ ଯୋଗ୍ୟତା ସ୍ତରର ଛାତ୍ରଛାତ୍ରୀମାନଙ୍କର ଏକା ସାଙ୍ଗରେ ମିଶାଇ ଗୋଟିଏ ମିଶ୍ରିତ ଦଳ ଗଠନ କରିପାରିବେ ।

ଏହି ପ୍ରକାରର ଦଳଗଠନରେ ଦଳଗୁଡ଼ିକୁ ବିଷୟ ପରିବର୍ତ୍ତନ ସହିତ ବାରମ୍ବାର ବଦଳିବାର ଆବଶ୍ୟକତା ହୁଏ ନାହିଁ ଯେମିତିକି ସମାନ ଯୋଗ୍ୟତା ଦଳଗଠନରେ କରାଯାଇଥାଏ । କାରଣ ଗୋଟିଏ ବିଷୟରେ ବିଭିନ୍ନ ଯୋଗ୍ୟତା ସ୍ତରର ଛାତ୍ରଛାତ୍ରୀ ଥାଆନ୍ତି ଏବଂ ଅନ୍ୟ ବିଷୟରେ ବିଭିନ୍ନ ଛାତ୍ରଛାତ୍ରୀ ଭିନ୍ନ ଭିନ୍ନ ଯୋଗ୍ୟତା ସ୍ତରର ଥାଆନ୍ତି ।

ମିଶ୍ରିତ ଯୋଗ୍ୟତା ଦଳଗୁଡ଼ିକ ଲାଭ ଏହା ହେଉଛି ଯେ ବିଭିନ୍ନ ଯୋଗ୍ୟତା ସ୍ତରର ଛାତ୍ରଛାତ୍ରୀମାନେ ନିଜ ନିଜ ଭିତରେ ଆଲୋଚନା କରନ୍ତି । ନିଜନିଜ ମଧ୍ୟରେ ଶିଖନ୍ତି ଏବଂ ନିମ୍ନ ଉପଲବ୍ଧିରେ ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରନ୍ତି । ଏହା ବ୍ୟତୀତ ଏହି ପ୍ରକାରର ଦଳଗୁଡ଼ିକ ପ୍ରୋଜେକ୍ଟ କାର୍ଯ୍ୟ, ବିଭିନ୍ନ ସହପାଠ୍ୟ କାର୍ଯ୍ୟ, ସଂଗଠନ କାର୍ଯ୍ୟ, ଭଲ ଶିକ୍ଷଣ ପାଇଁ କ୍ଷେତ୍ର ସୁଯୋଗ ସୃଷ୍ଟି କରିଥାଏ ।

ଏହି ପ୍ରକାର ବହୁ-ଶ୍ରେଣୀ ପରିସ୍ଥିତିରେ ଛାତ୍ରଛାତ୍ରୀମାନଙ୍କର ଦୁଇ ପ୍ରକାରର ଯୋଗ୍ୟତାଧାରୀ ଦଳ ଦ୍ୱାରା ଭଲଶିକ୍ଷଣ ହେବାରେ ସହାୟତା କରିଥାଏ । ମାତ୍ର ବହୁ-ଶ୍ରେଣୀ ସ୍ଥିତିରେ ମିଶ୍ରିତ ଯୋଗ୍ୟତା ଦଳକୁ ସମାନ ଯୋଗ୍ୟତା ଦଳର ତୁଳନାରେ ବହୁଶ୍ରେଣୀୟ ପରିସ୍ଥିତି ପରିଚାଳନା ପାଇଁ ଭଲ ବୋଲି କୁହାଯାଇଛି । ବହୁ-ଶ୍ରେଣୀ ପରିଚାଳନା ସମୟରେ ଯେ କୌଣସି ଦଳଗଠନ କରିବା ସମୟରେ ନିମ୍ନ ବିନ୍ଦୁଗୁଡ଼ିକୁ ଧ୍ୟାନରେ ରଖିବା ଦରକାର :-

- ଦଳ ଛୋଟ ହେବା ଉଚିତ୍ (୪-୫ ଛାତ୍ରଛାତ୍ରୀକୁ ନେଇ) ।
- ଛୋଟ ଦଳରେ କ୍ରିୟାପ୍ରତିକ୍ରିୟା ବଡ ଦଳ ତୁଳନାରେ ଅଧିକ ହୋଇଥାଏ ।
- ଯଦି କେବେ ଆବଶ୍ୟକତା ହେଲେ ବିଭିନ୍ନ ପ୍ରକାରର ଦଳ ତିଆରି କରାଯାଇପାରିବ ।
- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ରୁଚି ତଥା ଆବଶ୍ୟକତା ଅନୁସାରେ ଗୋଟିଏ ଦଳରୁ ଅନ୍ୟ ଦଳକୁ ଯିବାର ଅନୁମତି ଦେବା ଉଚିତ୍ ।
- ଛାତ୍ରଛାତ୍ରୀମାନଙ୍କୁ ମନ୍ଦ ଛାତ୍ରଛାତ୍ରୀଙ୍କ ନାମରେ କେବେ ବି ନାମିତ କରିବା ଉଚିତ୍ ନୁହେଁ ।
- ପଛୁଆ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତ୍ତମ ଶିକ୍ଷଣ ବାତାବରଣର ସୃଷ୍ଟି କରାଯିବା ଦରକାର ।
- ଶିକ୍ଷକଙ୍କୁ ସ୍ୱୟଂ କ୍ରିୟା-କଳାପଗୁଡ଼ିକରେ ସଂଲଗ୍ନ ନହୋଇ ଛାତ୍ରଛାତ୍ରୀମାନଙ୍କର ଗତି ବିଧିଗୁଡ଼ିକର ଅବଲୋକନ କରିବା ଦରକାର ।
- ଦଳରେ ସବୁ ଛାତ୍ରଛାତ୍ରୀମାନଙ୍କର ଅଂଶଗ୍ରହଣ ନିଶ୍ଚିତ କରିବା ଆବଶ୍ୟକ ।

**ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀର ବ୍ୟବସ୍ଥା:-**

ଆମେ ସବୁ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷଣ-ସାମଗ୍ରୀର ବ୍ୟବହାର ଆବଶ୍ୟକତା ତଥା ଗୁରୁତ୍ୱ ସହିତ ପରିଚିତ ଅଛେ । ଶିକ୍ଷଣକାର୍ଯ୍ୟ ଭିତ୍ତିକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଦଳଗତ କାର୍ଯ୍ୟ ତଥା ସ୍ୱ-ଶିକ୍ଷଣରେ ବିଭିନ୍ନ ପ୍ରକାରର ତଥା ଅଧିକ ସଂଖ୍ୟାରେ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ହୋଇଥାଏ । ଶିକ୍ଷକ ହିସାବରେ ଆମର ମୁଖ୍ୟକାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ଶିଖିବାରେ ସହାୟତା କରିବା । ସେଥିପାଇଁ ଆମକୁ ସେମାନଙ୍କ ଉପଯୁକ୍ତ ଶିକ୍ଷଣ ଅବସ୍ଥା ସୃଷ୍ଟି କରିବା ଦରକାର । ଫଳରେ ସେମାନେ ନିଜେ ଶିକ୍ଷଣ-କାର୍ଯ୍ୟ ଗୁଡ଼ିକରେ ସଂଲଗ୍ନ ହୋଇ ଅର୍ଥପୂର୍ଣ୍ଣ ଭାବେ ଶିଖିପାରିବେ । ଏକକ-ଶ୍ରେଣୀ ବା ବହୁ-ଶ୍ରେଣୀ ଯେଉଁ ଅବସ୍ଥା ହେଉ, ଠିକ୍ ପ୍ରକାରର ଶିକ୍ଷଣ ଅଧିଗମ ସାମଗ୍ରୀର ଉପଯୋଗ ଦ୍ୱାର ଅଧିଗମ-ପରିସ୍ଥିତି ପ୍ରଦାନ କରାଯାଇପାରିବ । ବହୁ-ଶ୍ରେଣୀ ସ୍ଥିତିରେ ଉପଯୁକ୍ତ ଶିକ୍ଷଣ-ଅଧିଗମ ସାମଗ୍ରୀର ପ୍ରୟୋଗ ଦ୍ୱାରା ଶିକ୍ଷକଙ୍କୁ ଏକା ସମୟରେ ବିଭିନ୍ନ ଶ୍ରେଣୀଗୁଡ଼ିକ ପାଇଁ ଶିକ୍ଷଣ-ଅଧିଗମର ପ୍ରଭାବୀ ପରିଚାଳନାରେ ସହାୟତା ମିଳିଥାଏ ।

ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ-୪**

ଜଣେ ଶିକ୍ଷକ ହିସାବରେ ଆପଣ ଆପଣଙ୍କ ଶ୍ରେଣୀ ଶିକ୍ଷାଦାନ ସମୟରେ ବିଭିନ୍ନ ପ୍ରକାରର ଶିକ୍ଷଣ ସାମଗ୍ରୀର ପ୍ରୟୋଗ କରୁଥିବେ । ଆପଣ ଏଗୁଡିକର କିଛି ନାମ କହିପାରିବେ ? ଆପଣ ସେଗୁଡିକ କିପରି ପ୍ରାପ୍ତ କରିଥିଲେ ?

ଆପଣ କ'ଣ କେବେ କିଛି ଶିକ୍ଷଣ-ସାମଗ୍ରୀ ନିଜେ ପ୍ରସ୍ତୁତ କରିଛନ୍ତି ? ନିମ୍ନଲିଖିତ ତାଲିକାରୁ କିଛି ଶିକ୍ଷଣ-ସାମଗ୍ରୀର ନାମ, ବର୍ଗ ତଥା ସେଗୁଡିକର ପ୍ରାପ୍ତି ଦିଆଗଲା ।

| ବର୍ଗ / ପ୍ରକାର | ଶିକ୍ଷାଦାନ ଶିକ୍ଷଣ-ସାମଗ୍ରୀର ନାମ | ପ୍ରାପ୍ତି (କିଣିବା/ଏକାଠି କରିବା/ ତିଆରି କରିବା) |
|---|---|---|
| ■ ମାନକ ଶିକ୍ଷଣ- ଶିକ୍ଷଣ ସାମଗ୍ରୀ ଶିକ୍ଷଣ | | |
| ■ ବିନା ମୂଲ୍ୟ ଏବଂ ସ୍ୱଳ୍ପ ମୂଲ୍ୟ ଶିକ୍ଷଣ-ସାମଗ୍ରୀ | | |
| ■ ପ୍ରଚୁର ମାତ୍ରାରେ ଉପଲବ୍ଧ ଶିକ୍ଷଣ-ସାମଗ୍ରୀ | | |

ବହୁ-ଶ୍ରେଣୀୟ ପରିସ୍ଥିତିରେ ଶିକ୍ଷଣ-ସାମଗ୍ରୀର ବ୍ୟବହାରର ଲାଭ ନିମ୍ନରେ ଦିଆଗଲା:-

- ପ୍ରାଥମିକ ଶ୍ରେଣୀ ଗୁଡିକରେ (ଏକକ ଶ୍ରେଣୀ ଓ ବହୁ-ଶ୍ରେଣୀରେ) ଧାରଣାଗୁଡିକୁ ସ୍ଥୁଳ ବସ୍ତୁଗୁଡିକ ମାଧମରେ ଶିଖାନ୍ତି । ଶିକ୍ଷଣ ସାମଗ୍ରୀ ତାଙ୍କୁ କଠିନ ଧାରଣାଗୁଡିକୁ ବୁଝିବାରେ ସାହାଯ୍ୟ କରେ ।
- ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ (ଟି.ଏଲ୍.ଏମ୍), ଗୋଟିଏ ବହୁ-ଶ୍ରେଣୀୟ ପରିସ୍ଥିତିରେ ଶିକ୍ଷକର ଅନୁପସ୍ଥିତିରେ ମଧ୍ୟ ସବୁ ଛାତ୍ରଛାତ୍ରୀମାନଙ୍କୁ କିଛି ସମୟ ପର୍ଯ୍ୟନ୍ତ ଶିକ୍ଷଣକାର୍ଯ୍ୟରେ ସଂଲଗ୍ନ ରଖିଥାନ୍ତି ।
- ଟି.ଏଲ୍.ଏମ୍ ଦଳଗତ ଦକ୍ଷତା ତଥା ସ୍ୱ-ଶିକ୍ଷଣ କ୍ରିୟାଗୁଡିକୁ ସହଜୀକରଣ କରିଥାଏ ।
- ଟି.ଏଲ୍.ଏମ୍ ବହୁ-ଶ୍ରେଣୀ ଶିକ୍ଷକଙ୍କର ଶ୍ରେଣୀରେ ଅତ୍ୟଧିକ କଥା କହିବା କମ୍ କହିବାରେ ସହାୟତା କରିଥାଏ ।






- ଟି.ଏଲ୍.ଏମ୍ ଦଳଗତ ଭାବେ ଆଲୋଚନା ପାଇଁ ପ୍ରାସଙ୍ଗିକତା ସୃଷ୍ଟି କରିଥାଏ ।
- ଟି.ଏଲ୍.ଏମ୍ ଛାତ୍ରଛାତ୍ରୀମାନଙ୍କର ପାଠପ୍ରତି ଧ୍ୟାନ ଆକର୍ଷିତ କରିଥାଏ ।
- ଟି.ଏଲ୍.ଏମ୍ ବହୁ-ଶ୍ରେଣୀ ଶିକ୍ଷକଙ୍କୁ ନିଜ ଶକ୍ତି ଅପଚୟ ନକରିବା ଏବଂ ଶିକ୍ଷାଦାନରେ କ୍ଳାନ୍ତ ନକରିବାରେ ସହାୟକ ହୋଇଥାଏ ।
- ଟି.ଏଲ୍.ଏମ୍ ବହୁ-ଶ୍ରେଣୀ ଶିକ୍ଷକଙ୍କ ଶିକ୍ଷାଦାନର ସୋପାନ ଯଥା ଶିକ୍ଷାଦାନରେ ଅଭ୍ୟାସ, ପୁନର୍ବିଳନ ଏବଂ ମୂଲ୍ୟାଙ୍କନ କ୍ରିୟାଗୁଡିକର ସହଜୀକରଣ କରିଥାଏ । ବହୁ-ଶ୍ରେଣୀ ଶିକ୍ଷଣରେ ପ୍ରୟୋଗ କରାଯାଇଥିବା ଟି.ଏଲ୍.ଏମ୍ ଗୁଡିକ ହେଲା -

  - ଡାଇସ୍, ଚିତ୍ରକାର୍ଡ, ଫ୍ଲାସ୍ କାର୍ଡ, ଗୀତ କାର୍ଡ, ଲେଟର କାର୍ଡ, ନମ୍ବର କାର୍ଡ, କାହାଣୀ କାର୍ଡ, ପୋଷ୍ଟର, ଲିଫ୍ଟ୍ ଲେଟ୍ସ୍, ରେଟିଙ୍ଗ୍ କାର୍ଡ, ଗପବହି, ଶବ୍ଦକୋଷ, ମଡେଲ୍ ଚାର୍ଟସ୍ ଇତ୍ୟାଦି । ଏହା ବ୍ୟତୀତ କାର୍ଯ୍ୟ ଫର୍ଦ୍ଦ, କାର୍ଯ୍ୟ ସିଟ୍ (ୱାର୍କ ସିଟ୍) ମଧ୍ୟ ବହୁ-ଶ୍ରେଣୀ ବ୍ୟବସ୍ଥାରେ ପ୍ରତ୍ୟେକ ଶ୍ରେଣୀରେ ତିଆରି କରାଯାଇଥାଏ ଏବଂ ପ୍ରୟୋଗ କରାଯାଇଥାଏ । ଏହା ଦ୍ୱାରା ବହୁ ଶ୍ରେଣୀ ଶିକ୍ଷକଙ୍କ ଅନୁପସ୍ଥିତିରେ ମଧ୍ୟ ଶିକ୍ଷଣକାର୍ଯ୍ୟ କରାଯାଇଥାଏ ।

## E-୨ବହୁ ଶ୍ରେଣୀ ଶିକ୍ଷଣରେ ଶିକ୍ଷଣ-ସାମଗ୍ରୀର ଦୁଇଟି ଉପକାର ବର୍ଣ୍ଣନା କରନ୍ତୁ

ନିମ୍ନ ଉଦହରଣରେ ପ୍ରଦର୍ଶିତ କରାଯାଇଛି ଯେ ଆପଣ ବହୁ-ଶ୍ରେଣୀ ଶିକ୍ଷାଦାନ ପରିପ୍ରେକ୍ଷୀରେ ସାମଗ୍ରୀର ଉପଯୋଗ କେଉଁ ପ୍ରକାରରେ କରିପାରିବେ ।

ଉଦାହରଣ- ଗୋଟିଏ ବହୁ-ଶ୍ରେଣୀ ପରିସ୍ଥିତି ଯେଉଁଠି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ଅଛି, ଜଣେ ଶିକ୍ଷକ ପିଲାମାନଙ୍କୁ କିଛି ବସ୍ତୁ ଦେଖାଉଛନ୍ତି । ଯେମିତିକି - ଖୋଳପା, ମଞ୍ଜି, ଫଳ, ଘରେ ବ୍ୟବହାର ହେଉଥିବା ବସ୍ତୁଗୁଡିକ, ବିଦ୍ୟାଳୟର ବସ୍ତୁ, ଫଟୋଗ୍ରାଫ୍ସ୍ ଇତ୍ୟାଦି (ଚିତ୍ରରେ ଦର୍ଶାଇଦେବା ଅନୁସାରେ) ଯାହା ଗୋଟିଏ ପାତ୍ରରେ ରଖାଯାଇଛି । ତିନିମିନିଟ୍ ପରେ ସେହି ପାତ୍ରରେ ରଖି ତାକୁ ଗୋଟିଏ କପଡାରେ ଘୋଡାଇ ଦିଆଯାଉ । ତା'ପରେ ତାହା ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସେହି ବସ୍ତୁଗୁଡିକର ନାମ କହିବାକୁ କୁହାଗଲା । ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସେହି ବସ୍ତୁଗୁଡିକର ନାମ ନିଜ ନୋଟ୍ ବୁକ୍‌ରେ ଲେଖିବାକୁ କୁହାଗଲା ଏବଂ ତୃତୀୟ ଶ୍ରେଣୀର ପିଲାମାନଙ୍କୁ ସେହି ବସ୍ତୁଗୁଡିକର ଦୈନନ୍ଦିନ ଜୀବନରେ ବ୍ୟବହାର ଲେଖିବାକୁ କୁହାଗଲା ।



ଟିପ୍ପଣୀ

କୋଡିଏ ମନିଟ୍ ପରେ ଶିକ୍ଷୟିତ୍ରୀ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ମିଶାଇ ମିଶ୍ରିତ ଦଳ ତିଆରି କଲେ । ତା'ପରେ ସେହି ବସ୍ତୁକୁ ପ୍ରତ୍ୟେକ ଦଳରେ ବାଣ୍ଟି ଦେଲେ ଏବଂ ପ୍ରତ୍ୟେକ ଦଳରେ ପ୍ରତ୍ୟେକ ବସ୍ତୁର ଦୈନନ୍ଦିନ ଜୀବନରେ ବିଭିନ୍ନ ବ୍ୟବହାର ଲେଖିବାକୁ କହିଲେ । ତା'ପରେ ପ୍ରତ୍ୟେକ ଦଳ ନିଜ ଦଳର ରିପୋର୍ଟ ପ୍ରସ୍ତୁତ କଲେ ଏବଂ ସମସ୍ତଙ୍କ ସହିତ ଆଦାନ-ପ୍ରଦାନ କରାଗଲା । ଉପରୋକ୍ତ ଉଦାହରଣ ଦ୍ୱାରା ଆମେ ନିର୍ଯ୍ୟାସ ବାହାର କରିପାରିବା ଯେ ବହୁ-ଶ୍ରେଣୀ ଶିକ୍ଷଣ ଅବସ୍ଥାରେ ଶିକ୍ଷଣ ସାମଗ୍ରୀର ପ୍ରୟୋଗ କେଉଁ ପ୍ରକାର ବ୍ୟକ୍ତିଗତ ତଥା ଦଳଗତ କାର୍ଯ୍ୟ ପାଇଁ ପ୍ରେରିତ କରିବା । ତଥା ସବୁ ଶ୍ରେଣୀ ଗୁଡିକୁ ସଫଳ ଶିକ୍ଷଣ କାର୍ଯ୍ୟ ଗୁଡିକରେ ସଂଲଗ୍ନ କରିବା ପାଇଁ ଏହା କରାଯାଇ ପାରେ ।

**ଶିକ୍ଷଣ ସ୍ଥିତି ପାଇଁ ଯୋଜନା:**

ଆପଣ ମାନେ ଏକକଶ୍ରେଣୀ ପରିସ୍ଥିତିରେ ଶିକ୍ଷାଦାନ ଓ ଶିକ୍ଷଣ କରିବା (ପାଠ-ଯୋଜନା ତିଆରି) ଶିଖି ସାରିଛନ୍ତି, କିନ୍ତୁ ବହୁ ଶ୍ରେଣୀ ପରିସ୍ଥିତି ଶିକ୍ଷାଦାନ ଶିକ୍ଷଣ ପାଇଁ ଯୋଜନା ତିଆରି କାରବା ପୂର୍ବରୁ ଆପଣଙ୍କୁ ଧ୍ୟାନ ଦେବା ଆବଶ୍ୟକ -ଶ୍ରେଣୀ ସଂଗଠନ, ଶିକ୍ଷାର୍ଥୀମାନଙ୍କର ଆବଶ୍ୟକୀୟ ଦଳଗଠନ, ତଥା ଅନୁକୂଳ ସହାୟକ ବାତାବରଣ ସୃଷ୍ଟି ଇତ୍ୟାଦି । କାରଣ ବହୁ ଶ୍ରେଣୀ ପରିସ୍ଥିତିରେ ବିଭିନ୍ନବିଷୟର ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟକୁ ସହଜ କରିବା ପାଇଁ ଏ ସବୁର ଆବଶ୍ୟକତା ଅଛି । ଏହି କାରଣରୁ ବହୁ -ଶ୍ରେଣୀ ଶିକ୍ଷଣର ଯୋଜନା ଗୁଡିକୁ ଶିକ୍ଷାଦନ ଶିକ୍ଷଣ ଯୋଜନା (ପାଠ-ଯୋଜନା) ର ପରିବର୍ତ୍ତେ "ଶିକ୍ଷଣ - ସ୍ଥିତି ପାଇଁ ଯୋଜନା" (plans for learing situation) କୁହାଯାଏ । ବହୁ ଶ୍ରେଣୀ ଶିକ୍ଷକଙ୍କୁ ଶିକ୍ଷଣ ସ୍ଥିତିର ଯୋଜନା କରିବା ପାଇଁ ନିମ୍ନଲିଖିତ କ୍ରିୟାଗୁଡିକୁ ସମ୍ପାଦନ କରିବାକୁ ପଡିଥାଏ ।

- ସର୍ବ ପ୍ରଥମ ଏହା ନିଶ୍ଚିତ କରିବା ଯେ କେଉଁ ଶ୍ରେଣୀରେ (ଶ୍ରେଣୀଗୁଡିକୁ) ବହୁ ଶ୍ରେଣୀ ଶିକ୍ଷଣ ପାଇଁ ସଂଲଗ୍ନ କରାଯାଇ ଅଛି ।
- ବହୁ - ଶ୍ରେଣୀ ଶିକ୍ଷାଦାନ ର ସହଜୀକରଣ ପାଇଁ କେଉଁ ପ୍ରକାରର ଦଳ ଗଠନର ଅବଶ୍ୟକତା ଅଛି, ତାହା ବୁଝନ୍ତୁ ।
- ସାପ୍ତାହିକ ତଥା ମାସିକ ପାଠର ଯୋଜନା କରନ୍ତୁ ଯେଉଁଥିରେ ଏହା ସଂଙ୍କେତ ଦିଆଯିବ ଯେ ଏକା ସମୟରେ କେଉଁ ବିଷୟରେ କି ପ୍ରକାର ଦଳଗଠନ କରି ପଢାଯିବ ।
- ଗୋଟିଏ ଶ୍ରେଣୀରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କର ବସିବାର ସଠିକ ବ୍ୟବସ୍ଥାକୁ ସୁନିଶ୍ଚିତ କରନ୍ତୁ ।
- ଆବଶ୍ୟକ ଶିକ୍ଷଣ ସାମଗ୍ରୀର ନିର୍ମାଣ/ଏକତ୍ରୀତ କରନ୍ତୁ । ଏହା ଉପଯୁକ୍ତ ମାତ୍ରାରେ ଥିବା ଏବଂ ଏହାକୁ ଶିକ୍ଷଣ ସାମଗ୍ରୀ କୋଣରେ ରଖନ୍ତୁ ।
- ଦୈନିକ ପାଠ-ଯୋଜନା ତିଆରି କରନ୍ତୁ ଯେଉଁଥିରେ ପାଠର ଉଦ୍ଦେଶ୍ୟ, ଶିକ୍ଷଣ ବିଧି/ ପ୍ରଣାଳୀ ଶିକ୍ଷଣ କାର୍ଯ୍ୟ ମୂଲ୍ୟାୟନ ପ୍ରାଣାଳୀ/ବିଧି ଆଦି ଉଲ୍ଲେଖ କରାଯାଇଥିବ ।

- ପାଠରେ ଆବଶ୍ୟକତା ଅନୁସାରେ ଛୋଟ ଛୋଟ ଦଳ କରନ୍ତୁ ।
- ଦଳଗତ ତଥା ବ୍ୟକ୍ତିଗତ ଶିକ୍ଷଣକାର୍ଯ୍ୟ ପାଇଁ ଶିକ୍ଷଣ ସାମଗ୍ରୀ ଚିହ୍ନଟ କରନ୍ତୁ ।
- ପାଠର ପରିଚୟ, ଅଭ୍ୟାସ, ପୁନର୍ବଳନ ତଥା ମୂଲ୍ୟାୟନ ପାଇଁ ଶିକ୍ଷଣ କାର୍ଯ୍ୟ ବାଛନ୍ତୁ ।
- ପ୍ରତ୍ୟେକ କାର୍ଯ୍ୟ ପାଇଁ ଲାଗୁଥିବା ସମୟର ମାତ୍ରାକୁ ସୁନିଶ୍ଚିତ କରନ୍ତୁ ।
- ପ୍ରତ୍ୟେକ ଦଳରେ ଶିକ୍ଷଣ - ସମୟକୁ ନିଶ୍ଚିତ କରନ୍ତୁ ।
- ଏହା ସୁନିଶ୍ଚିତ କରିବା ଯେ ଆଗୁଆ ପିଲାମାନେ ପଛୁଆ ପିଲାମାନଙ୍କୁ ସହାୟତ କରନ୍ତି । ତା ସହିତ ଉଚ୍ଚ ଶ୍ରେଣୀର ପିଲାମାନେ ନିମ୍ନ ଶ୍ରେଣୀର ପିଲାମାନଙ୍କୁ ସାହାଯ୍ୟ କରନ୍ତି ।
- ଉପଯୁକ୍ତ ସମୟ ଅନ୍ତରରେ ପ୍ରତ୍ୟେକ ଦଳକୁ ପ୍ରକଳ୍ପ କାର୍ଯ୍ୟ ଦିଆଯାଉ ।
- ବ୍ୟକ୍ତିଗତ ଶିକ୍ଷଣକାର୍ଯ୍ୟର ସଂଚାଳନକୁ ସୁନିଶ୍ଚିତ କରାଯାଉ ।
- ଛାତ୍ରଛାତ୍ରୀ ମାନଙ୍କର ଉପଲବ୍ଧିକୁ ଆକଳନ କରିବା ପାଇଁ ମୂଲ୍ୟାୟନ ପ୍ରବିଧିଗୁଡିକୁ ଠିକ କରନ୍ତୁ ।

ଏହି ପ୍ରକାର ବହୁ - ଶ୍ରେଣୀ ଶିକ୍ଷାଦାନ ଯୋଜନା ତିଆରି କରିବାରେ ଶିକ୍ଷକଙ୍କୁ ଶ୍ରେଣୀରେ / ଦଳରେ ନିଜର ଉପସ୍ଥିତିକୁ ଅନୁଭବ କରାଇବା ତଥା ଉପଯୁକ୍ତ ସମୟ ବ୍ୟବସ୍ଥାର ସୁନିଶ୍ଚିତ କରିବା ପାଇଁ ଏକା ସମୟରେ ଦିଆଯାଇଥିବା ସବୁ ଶ୍ରେଣୀଗୁଡିକର ଯତ୍ନ ନେବାକୁ ପଡିଥାଏ ।

## ୭.୨.୩ ବହୁ ଶ୍ରେଣୀ ଶିକ୍ଷାଦାନ ପାଇଁ ସମୟ ବଣ୍ଟନ

ଅଧିକାଂଶ ସମୟରେ ଆପଣ ଗୋଟିଏ ଶ୍ରେଣୀରେ ସବୁ ବିଷୟର ଶିକ୍ଷାଦାନ କରିବା ଆବଶ୍ୟକତା ହୋଇଥାଏ । କିନ୍ତୁ ବହୁ ଶ୍ରେଣୀ ଶିକ୍ଷାଦାନ ପରିସ୍ଥିତିରେ ଆପଣ ଆଦର୍ଶତଃ ଆଉ ଗୋଟିଏ ବିଷୟ ବସ୍ତୁ ତଥା କିଛି ବଛାଯାଇଥିବା ଶିକ୍ଷଣକାର୍ଯ୍ୟ ଚୟନ କରିପାରନ୍ତ । ବହୁ ଶ୍ରେଣୀ ଅବସ୍ଥାରେ ଆପଣ ସର୍ବଦା ସମୟ ଚାପରେ ରହିଥାନ୍ତି । ଅତଏବ୍ ମହତ୍ୱପୂର୍ଣ୍ଣ ହେଉଛି ସମୟ ଅନୁସୂଚୀର ଯୋଜନା ତିଆରି କରାଯାଉ ଯେମିତି କି ଉପଲବ୍ଧ ସମୟର ଅଧିକତମ ଉପଯୋଗ ହୋଇ ପାରିବ । ଯେତେବେଳେ ଆପଣଙ୍କୁ ତିନୋଟି ଶ୍ରେଣୀକୁ ଏକା ସଙ୍ଗେ ସମ୍ଭାଳିବାର ଆବଶ୍ୟକତା ହେଉଥାଏ ସେତେବେଳେ ଆପଣଙ୍କୁ କିଛି ଉତ୍ତମ ଛାତ୍ରଛାତ୍ରୀ କିମ୍ବା ମିନିଟ୍ର, ଶିକ୍ଷଣ ସାମଗ୍ରୀ, ସ୍ୱ - ଅଧ୍ୟୟନ ସାମଗ୍ରୀ ଇତ୍ୟାଦି ଉପରେ ନିର୍ଭର ହେବାକୁ ପଡିଥାଏ । ଆପଣ ମିନିଟର ସହାୟତା, ଶକ୍ତିଶାଳୀ ଶିକ୍ଷଣକାର୍ଯ୍ୟର ବ୍ୟବହାର ବା ସ୍ୱ-ଅଧ୍ୟୟନ ସାମଗ୍ରୀର ପ୍ରୟୋଗ କେଉଁ ପ୍ରକାର କରିବେ, ଏହା ସବୁ ଆପଣଙ୍କ ବିଚାର ପୂର୍ଣ୍ଣ ଯୋଜନା ଉପରେ ନିର୍ଭର କରିଥାଏ । ଯଦି ଗୋଟିଏ ଘଣ୍ଟା ସମୟ ମିଳେ ତାହାଲେ ଏହାକୁ ନିମ୍ନ ପ୍ରକାରର ନିୟୋଜିତ କରିପାରିବେ ।

ଟିପ୍ପଣୀ

ଟିପ୍ପଣୀ

| ୧ ଘଣ୍ଟା ସମୟର ବିବରଣ | ପ୍ରଥମ ଶ୍ରେଣୀ | ଦ୍ୱିତୀୟ ଶ୍ରେଣୀ | ତୃତୀୟ ଶ୍ରେଣୀ |
|---|---|---|---|
| ଆରମ୍ଭ ର ୨୦ ମିନିଟ୍ | ଶିକ୍ଷକ | ମନିଟର | ସ୍ୱ - ଅଧ୍ୟୟନ |
| ଦ୍ୱିତୀୟ ୨୦ ମିନିଟ୍ | ସ୍ୱ - ଅଧ୍ୟୟନ | ଶିକ୍ଷକ | ମନିଟର |
| ଶେଷ ୨୦ ମିନିଟ୍ | ମନିଟର | ସ୍ୱ - ଅଧ୍ୟୟନ | ଶିକ୍ଷକ |

ତିନୋଟି ଶ୍ରେଣୀ ପାଇଁ ବହୁ - ଶ୍ରେଣୀ ପାଠର ଯୋଜନା ତିଆରି କରିବା ବେଳେ ଆପଣଙ୍କୁ ଧ୍ୟାନରେ ରଖିବାକୁ ପଡିବ ଯେ ଯେତେବେଳେ ଆପଣ ଗୋଟିଏ ଶ୍ରେଣୀରେ ପଢାଉଥାନ୍ତି, ସେତେବେଳେ ଆପଣଙ୍କର ଅନ୍ୟ ଦୁଇଟି ଶ୍ରେଣୀରେ ଯେଉଁଠି ମନିଟର ବା ସ୍ୱ-ଅଧ୍ୟୟନ ଦ୍ୱାରା ଶିକ୍ଷଣ କାର୍ଯ୍ୟ ଚାଲିଥାଏ, ତାହା ଉପରେ ମଧ ଗୋଟିଏ ପର୍ଯ୍ୟବେକ୍ଷଣ ଦୃଷ୍ଟି ରଖିବା ଦରକାର ।

**ବିଭିନ୍ନ ଶ୍ରେଣୀରେ ଗୋଟିଏ ବିଷୟ ଶିକ୍ଷାଦାନ ଓ ଶିକ୍ଷଣ:**

ଏହା ପ୍ରଥମେ କୁହାଯାଇଛି ଯେ ଯଦି ଆପଣଙ୍କୁ ଦୁଇଟି ବା ତିନୋଟି ଶ୍ରେଣୀ ଏକା ସମୟରେ ପଢାଉଥାନ୍ତ ତାହାଲେ ପାଖାପାଖି ଶ୍ରେଣୀ ଗୁଡିକୁ ନେବା ଭଲ ହେବ । କାରଣ ଏହି ଶ୍ରେଣୀର ବିଷୟ-ବସ୍ତୁରେ ସମାନତା ତଥା ନିରନ୍ତରତା ହୋଇଥାଏ ଯାହା ବହୁ - ଶ୍ରେଣୀ ପାଠ ଦାନକୁ ସୁବିଧା କରିଥାଏ । ଉଦାହରଣ ସ୍ୱରୂପ ଏକା ସମୟରେ ଆମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟରେ ଗଣିତ ବିଷୟରେ "ସଂଖ୍ୟା" ଶିକ୍ଷଣକୁ ବୁଝାଉଛନ୍ତି । ଗଣିତର ପ୍ରଦତ୍ତ ପାଠ୍ୟ - ଆଲୋଚନା ଅନୁସାରେ ପ୍ରଥମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ୧ ରୁ ୧୦୦ ପର୍ଯ୍ୟନ୍ତ ଗଣିବାର ଦକ୍ଷତାରେ ପାରଙ୍ଗମତା ହାସଲ କରିବା ଦରକାର, ଦ୍ୱିତୀୟ ଶ୍ରେଣୀରେ ୧୦-୯୯ ପର୍ଯ୍ୟନ୍ତ ସଂଖ୍ୟାରେ ଅଙ୍କର ସ୍ଥାନୀୟମାନ ଚିହ୍ନିବା ତଥା ଛୋଟ ବା ବଡ଼ ଅଙ୍କର ତୁଳନା କରିବା ତଥା ତୃତୀୟ ଶ୍ରେଣୀରେ ୧୦୦୦ ପର୍ଯ୍ୟନ୍ତ ସଂଖ୍ୟାଗୁଡିକୁ ଅଙ୍କର ସ୍ଥାନୀୟମାନ ତଥା ସେମାନଙ୍କୁ ଛୋଟ ତଥା ବଡ ସଂଖ୍ୟାର ତୁଳନା କରିବା । ବର୍ତ୍ତମାନ ଏହା ଆପଣଙ୍କ କାର୍ଯ୍ୟ ହେଉଛି କି ଏକା ସାଙ୍ଗରେ ତିନୋଟି ଶ୍ରେଣୀରେ ଗଣନ ସଂଖ୍ୟାଟିକୁ ଶିକ୍ଷକ କେଉଁ ଢ଼ଙ୍ଗରେ ପଢ଼ାଇବେ ଯେ ସବୁ ଛାତ୍ରଛାତ୍ରୀ ମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଦକ୍ଷତାଗୁଡିକୁ ହାସଲ କରିବାକୁ ସକ୍ଷମ ହେବ ।

ନିମ୍ନଲିଖିତ ଉଦାହରଣରେ ଏକା ସାଙ୍ଗରେ ତିନୋଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ କେଉଁ ପ୍ରକାର ବିଷୟ ବସ୍ତୁ ପଢାଯାଇଛି ତାହା ଦର୍ଶାଇ ଦିଆ ଯାଇଛି ।

- ଶିକ୍ଷକ ସର୍ବପ୍ରଥମେ କଳାପଟା ଉପରେ ମାଟ୍ରିକ୍ସ ଟାଣି ଥାନ୍ତି ଯେମିତିକି ନିମ୍ନରେ ଦେଖାଇ ଦିଆଯାଇଛି । ତାପରେ ଛୋଟ ବାକ୍ସରେ ୧-୯ ଅଙ୍କ ଗୁଡିକୁ ଲେଖନ୍ତି ।

| | | |
|---|---|---|
| ୧ | ୬ | ୮ |
| ୫ | ୭ | ୩ |
| ୯ | ୨ | ୪ |

- ଶିକ୍ଷକ ଛାତ୍ରଛାତ୍ରୀ ମାନଙ୍କ ଠାରୁ ସେହି ଅଙ୍କ ମଧ୍ୟରେ ସଂବନ୍ଧକୁ ଚିହ୍ନିବାକୁ କହନ୍ତି । ଛାତ୍ରଛାତ୍ରୀମାନେ ମାଟ୍ରିକ୍ସର ଅଧ୍ୟୟନ କରନ୍ତି, ଆଲୋଚନାରେ ଭାଗ ନିଅନ୍ତି ଏବଂ ଏହାର ନିଷ୍କର୍ଷ ବାହାର କରନ୍ତି ଯଦି ସେହି ଅଙ୍କଗୁଡ଼ିକୁ କଣିଆ ବା ଉର୍ଦ୍ଧ୍ୱାକର ପ୍ରକାରରେ ଯୋଡ଼ିଥାନ୍ତି ତାହାଲେ କ୍ଷେତ୍ରଫଳ ୧୫ ହେବ ।
- ପରେ ଶିକ୍ଷକ ଏହି ଆଲୋଚନାକୁ ୧୦ ମିନିଟ୍ ପର୍ଯ୍ୟନ୍ତ କରିଥାନ୍ତି ଏବଂ ଛାତ୍ରଛାତ୍ରୀ ମାନଙ୍କୁ ତତ୍ସଂବଧୀ ଶ୍ରେଣୀରେ ଦତ୍ତ ଶିକ୍ଷଣକାର୍ଯ୍ୟ ଦିଆଯାଇ ପରବର୍ତ୍ତୀ ସମୟରେ କ'ଣ କରିବାକୁ ହେବ କୁହାଯାଏ ।

**ପ୍ରଥମ ଶ୍ରେଣୀ:-**

- ମ୍ୟାଟ୍ରିକ୍ସରେ ଦିଆଯାଇଥିବା ଅଙ୍କ ଗୁଡିକ ବ୍ୟବହାର କରି ଅତିବେଶୀରେ ଦୁଇ ଅଙ୍କ ବିଶିଷ୍ଟ କେତେ ସଂଖ୍ୟା ସମ୍ଭବ ହେବ ଲେଖନ୍ତୁ (ଛାତ୍ରଛାତ୍ରୀମାନେ ୧୫ ମିନିଟ୍ ପର୍ଯ୍ୟନ୍ତ କାମକରିବେ)

**ଦ୍ୱିତୀୟ ଶ୍ରେଣୀ:-**

- ମ୍ୟାଟ୍ରିକ୍ସରୁ ପାଖାପାଖି ଘରେ ଦିଆଯାଇଥିବା ଅଙ୍କକୁ ବ୍ୟବହାର କରି ଯେତେ ସଂଖ୍ୟା ସମ୍ଭବ ହେବ ଲେଖନ୍ତୁ ଏବଂ ବଢୁଥିବା କ୍ରମ (ଛୋଟରୁ ବଡ) ରେ ବ୍ୟବସ୍ଥିତ କରନ୍ତୁ।
- ଦଶଟି ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡିକର ସ୍ଥାନୀୟ ମାନଲେଖ । (ଛାତ୍ରଛାତ୍ରୀ ମାନେ ୨୦ ମିନିଟ୍ ପର୍ଯ୍ୟନ୍ତ କାର୍ଯ୍ୟ କରିବେ)

**ତୃତୀୟ ଶ୍ରେଣୀ:-**

- ମ୍ୟାଟ୍ରିକ୍ସରେ ଦିଆଯାଇ ଥିବା ଅଙ୍କକୁ ବ୍ୟବହାର କରି ତିନି ଅଙ୍କବିଶିଷ୍ଟ ଯେତେ ସଂଖ୍ୟା ସମ୍ଭବ ହେବ ଲେଖନ୍ତୁ ଏବଂ ତାହାକୁ କମୁଥିବା କ୍ରମ (ବଡ ରୁ ଛୋଟ) ରେ ବ୍ୟବସ୍ଥିତ କରନ୍ତୁ ।
- ଦଶଟି ତିନି ଅଙ୍କ ବିଶିଷ୍ଟ ସଂଖ୍ୟାଗୁଡିକର ସ୍ଥାନୀୟମାନ ଲେଖନ୍ତୁ (ଛାତ୍ରଛାତ୍ରୀ ମାନେ ୨୦ ମିନିଟ୍ ପର୍ଯ୍ୟନ୍ତ କାର୍ଯ୍ୟ କରିବେ) ।

ଟିପ୍ପଣୀ

ଏହି ପ୍ରକାର ବହୁ - ଶ୍ରେଣୀ ପରିସ୍ଥିତିରେ ଗୋଟିଏ ବିଷୟକୁ ପଢାଇବା ସମ୍ଭବ ହେବ । ଏପରି ଅବସ୍ଥାରେ ଆପଣ ଗୋଟିଏ ସାଧାରଣ ଶିକ୍ଷଣ କାର୍ଯ୍ୟ ତଥା ସାଧାରଣ ସାମଗ୍ରୀରୁ ଶିକ୍ଷଣ - କାର୍ଯ୍ୟ ଆରମ୍ଭ କରନ୍ତୁ ଏବଂ ଶ୍ରେଣୀରେ ବିଭିନ୍ନ ପ୍ରକାର କାର୍ଯ୍ୟ ଦିଅନ୍ତୁ । ଗୋଟିଏ ବହୁ - ଶ୍ରେଣୀ ଶିକ୍ଷଣ ଅବସ୍ଥାରେ ଗୋଟିଏ ବିଷୟକୁ ପଢାଇବା ପାଇଁ ନିମ୍ନଲିଖିତ ସୁବିଧାମାନ ଅଛି:

- ଶିକ୍ଷଣ ଦାନ:- ଶିକ୍ଷଣ ପ୍ରକ୍ରିୟା ସମୟରେ ଶିକ୍ଷକ କେଉଁ ଶ୍ରେଣୀରେ କେଉଁ ସମୟରେ କେତେ ସହାୟତା ପ୍ରଦାନ କରିପାରିବେ ଠିକ୍ କରିଥାନ୍ତି ।
- ଗୋଟିଏ ବିଷୟ ସବୁ ଶ୍ରେଣୀରେ ଏକା ସମୟରେ ପଢାଇବାକୁ ପଡୁଥିବାରୁ ଶିକ୍ଷକ ଅଧିକାଂଶ ସମୟରେ ସାଧାରଣ ସାମଗ୍ରୀର ବ୍ୟବହାର ସବୁ ଶ୍ରେଣୀ ପାଇଁ କରିଥାନ୍ତି ।
- ଗୋଟିଏ ଶ୍ରେଣୀ / ଦଳର ଉଚ୍ଚ ଉପଲବ୍ଧି ଛାତ୍ରଛାତ୍ରୀମାନେ ସହି ଦଳର ନିମ୍ନ ଉପଲବ୍ଧି ଥିବା ଛାତ୍ରଛାତ୍ରୀମାନଙ୍କୁ ସହାୟତା କରିପରିବେ ତଥା ଅନ୍ୟ ଦଳରେ ଗୋଟିଏ ମିନିଟର ପରି କାର୍ଯ୍ୟ କରିପାରିବେ ।
- ଗୋଟିଏ ଦଳର ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟ ଗୁଡିକ, ଅନ୍ୟ ଶ୍ରେଣୀର ଶିକ୍ଷଣକାର୍ଯ୍ୟକୁ ସହଜ କରିଥାଏ ।
- ସବୁ ଶ୍ରେଣୀ ଗୁଡିକରେ ଗୋଟିଏ ବିଷୟର ଶିକ୍ଷଣ କାର୍ଯ୍ୟ ଏକ ସଙ୍ଗେ ହୋଇଥାଏ ତେବେ ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଭିନ୍ନ ଶିକ୍ଷଣ କାର୍ଯ୍ୟ କଲାବେଳେ ପରସ୍ପର ଘନିଷ୍ଠ ସହେଯୋଗ ତଥା ସହଭାଗୀତା ସମ୍ପାଦନ କରିଥାନ୍ତି ।

**ବିଭିନ୍ନ ଶ୍ରେଣୀ ଗୁଡିକରେ ବିଭିନ୍ନ ବିଷୟର ଶିକ୍ଷାଦାନଶିକ୍ଷଣ:**

ବହୁ ଶ୍ରେଣୀ ପରିସ୍ଥିତିରେ କେବେ କେବେ ବିଭିନ୍ନ ବିଷୟ ଭିନ୍ନ ଭିନ୍ନ ଶ୍ରେଣୀ ଗୁଡିକରେ ପଢାଯାଇ ପାରେ । ଉଦାହରଣ ସ୍ୱରୂପ ଗୋଟିଏ ବହୁ - ଶ୍ରେଣୀ ଶିକ୍ଷକ ପରିବେଶ ଅଧ୍ୟୟନ ଗୋଟିଏ ପାଠ (ଯେମିତି - ବିଭିନ୍ନ ବ୍ୟକ୍ତିମାନଙ୍କର ବୃତ୍ତି) ଦ୍ୱିତୀୟ ଶ୍ରେଣୀରେ ଭାଷା ପାଠ ଯୁକ୍ତାକ୍ଷର ଏବଂ ସେମାନଙ୍କର ବ୍ୟବହାର ତୃତୀୟ ଶ୍ରେଣୀରେ (ତିନିଅଙ୍କ ବିଶିଷ୍ଟ ସଂଖ୍ୟାର ଗୁଣନ) ଏକ ସାଥେ ପଢାଇ ପାରିବେ । ଏପରି ପରିସ୍ଥିତିରେ ବହୁ - ଶ୍ରେଣୀ ଶିକ୍ଷଣ ପରିଚାଳନା ପୂର୍ବ ଚର୍ଚ୍ଚିତ ଠାରୁ ସଂପୂର୍ଣ୍ଣ ଭିନ୍ନ ହୋଇଥାଏ । ଏକ ବହୁ - ଶ୍ରେଣୀ ଶିକ୍ଷକର ଏହି ସ୍ଥିତି କୁ ଫଳପ୍ରଦ ପରିଚାଳନା କରିବା ପାଇଁ ନିମ୍ନ ପ୍ରକାରରେ କାର୍ଯ୍ୟ କରିବାର ଆବଶ୍ୟକତା ଅଛି:

- ଶିକ୍ଷଣ ବାତାବରଣ ସୃଷ୍ଟି ପାଇଁ ପିରିୟଡ଼ ଆରମ୍ଭରୁ ସବୁ ଶ୍ରେଣୀ ପାଇଁ ଗୋଟିଏ ସାଧାରଣ ସକ୍ରିୟାତ୍ମକ କାର୍ଯ୍ୟ କରିବେ ।
- ତା'ପରେ ପ୍ରତ୍ୟେକ ଶ୍ରେଣୀରେ ଗୋଟିଏ ମିନିଟର ବଛାଯିବ ଯାହାଙ୍କୁ ସେ ଶ୍ରେଣୀର ଶୃଙ୍ଖଳା ରଖିବାର ଦାୟିତ୍ୱ ଦିଆଯାଇ ପାରିବ ।
- ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସମୟରେ ଆୟୋଜିତ କର । ଦିଆ ଯାଇଥିବା ଶିକ୍ଷଣ କାର୍ଯ୍ୟକୁ ଧ୍ୟାନରେ ରଖି ପ୍ରତ୍ୟେକ ଶ୍ରେଣୀର ଛାତ୍ରଛତ୍ରୀ ମାନଙ୍କ ପାଇଁ ବସିବାର ବ୍ୟବସ୍ଥା ଅଲଗା କରାଯିବା ଦରକାର ।



ଟିପ୍ପଣୀ

- ଯେତେବେଳେ ଗୋଟିଏ ଶ୍ରେଣୀରେ ଶିକ୍ଷଣ କାର୍ଯ୍ୟ କରାଯାଉଥାଏ ସେତେବେଳେ ଅନ୍ୟ ଶ୍ରେଣୀରେ ପୂର୍ବ ଯୋଜନାବଦ୍ଧ ଶିକ୍ଷଣ କାର୍ଯ୍ୟରେ ନିଯୁକ୍ତ ରହି ଅର୍ଥପୂର୍ଣ୍ଣ ଶିକ୍ଷଣ କାର୍ଯ୍ୟ କରାଯାଏ । ଶିକ୍ଷାଦାନ ଏବଂ ଶିକ୍ଷଣ କାର୍ଯ୍ୟ ପ୍ରତ୍ୟେକ ଶ୍ରେଣୀର ଗୋଟିଏ ପରେ ଗୋଟିଏ କରାଯିବ ।

- ଆବଶ୍ୟକତା ଅନୁସାରେ ଶିକ୍ଷକଙ୍କୁ ଶ୍ରେଣୀ ଗୁଡିକର ଗତିବିଧିର ପର୍ଯ୍ୟବେକ୍ଷଣ କରିବା ଦରକାର ତଥା ପୃଷ୍ଟ ପୋଷଣ ଦେବା ଦରକାର । ଏହା ବ୍ୟତୀତ ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷଣ ସଂବଧୀ ଅସୁବିଧାକୁ ଦୂର କରିବା ପାଇଁ ଶିକ୍ଷକ ସିଧା ଶିକ୍ଷାଦାନ କାର୍ଯ୍ୟ ମଧ୍ୟ କରି ପାରିବେ ।

- ଯେତେବେଳେ ତିନୋଟି ଶ୍ରେଣୀରେ ଶିକ୍ଷାଦାନ ଆବଶ୍ୟକତା ହୁଏ ସେତେବେଳେ ଶିକ୍ଷକ ଗୋଟିଏ ଶ୍ରେଣୀରେ ନୂଆପାଠ ପଢ଼ାଇବା ଦରକାର ଏବଂ ଅନ୍ୟ ଦୁଇ ଶ୍ରେଣୀ ଗୁଡିକରେ ଅଭ୍ୟାସ କାର୍ଯ୍ୟ ଦେବା ଦରକାର । ଏପରି କରିବା ଦ୍ୱାରା ଶିକ୍ଷକ ଗୋଟିଏ କକ୍ଷରେ ଠିକ୍ ପ୍ରକାରରେ ପଢାଇ ପାରିବେ ଏବଂ ଅନ୍ୟ ଶ୍ରେଣୀକୁ ଅର୍ଥପୂର୍ଣ୍ଣ ଭାବେ ନିଯୁକ୍ତି କରି ପାରିବେ । ସବୁ ଶ୍ରେଣୀଗୁଡିକରେ ନୂଆ ପାଠ ପଢାଇବା ନିଶ୍ଚିତ ରୂପରେ ଶିକ୍ଷକ ତଥା ଛାତ୍ରଛାତ୍ରୀ ଉଭୟଙ୍କ ପାଇଁ ଅସୁବିଧା ଜନକ ହୋଇଥାଏ ଏବଂ ଉପଯୁକ୍ତ ଭାବେ ସମୟ ବିନିଯୋଗ ହୋଇନଥାଏ । ଏହି ପ୍ରକାର ଗୋଟିଏ ବହୁ-ଶ୍ରେଣୀ ଶିକ୍ଷକ ଏହି ଉପାୟକୁ ବିନିଯୋଗ କରି ବହୁ - ଶ୍ରେଣୀ ଶିକ୍ଷାଦାନ ପରିଚାଳନା କରିପାରିବେ । କିନ୍ତୁ ଏହାକୁ କରିବା ପାଇଁ ତାହାକୁ ଅତ୍ୟଧିକ ଚିନ୍ତନର ଆବଶ୍ୟକତା ଅଛି । ଅଭ୍ୟାସ କାର୍ଯ୍ୟ ପାଇଁ ଉପଯୁକ୍ତ ଶିକ୍ଷଣ - ସାମଗ୍ରୀର ନିର୍ମାଣ ବ୍ୟବସ୍ଥା କରିବା ଦରକାର ତଥା ସହଯୋଗୀ ଦଳଗତ କାର୍ଯ୍ୟ ତଥା ବ୍ୟକ୍ତିଗତ କାର୍ଯ୍ୟକୁ ସୁନିଶ୍ଚିତ କରିବା ଦରକାର । ପରନ୍ତୁ ଏହି ପନ୍ଥା ରେ କଛି ଅପକାର ମଧ୍ୟ ଅଛି ତାହା ନିମ୍ନରେ ଦିଆଗଲା ।

- ଗୋଟିଏ ଶ୍ରେଣୀରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତଃକ୍ରିୟା ହୋଇଥାଏ ଯାହା ଅନ୍ୟ ଶ୍ରେଣୀରେ କାର୍ଯ୍ୟକ୍ରମକୁ ବାଧା ଦେଇଥାଏ ।

- ବିଭିନ୍ନ ଶ୍ରେଣୀରେ ଭିନ୍ନ ଭିନ୍ନ ବିଷୟ ପଢା ଯାଇ ଥାଏ, ଯାହା ପାଇଁ ପର୍ଯ୍ୟାପ୍ତ ଏବଂ ବିଭିନ୍ନ ସାମଗ୍ରୀର ଆବଶ୍ୟକତା ପ୍ରତ୍ୟେକ ଶ୍ରେଣୀରେ ଶିକ୍ଷାଦାନ ଶିକ୍ଷଣଙ୍କୁ ସହଜୀକରଣ ପାଇଁ ହୋଇଥାଏ । ବାସ୍ତବରେ ଶିକ୍ଷକଙ୍କ ପାଇଁ ଶିକ୍ଷଣ - ସାମଗ୍ରୀର ଏପରି ବିଶାଳ ମାତ୍ରାର ବ୍ୟବସ୍ଥା କରିବା କଠିନ ହୋଇଥାଏ ।

- ଗୋଟିଏ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ସର୍ବଦା ଅନ୍ୟ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ସାହାଯ୍ୟ କରିବା ସମ୍ଭବପର ହୋଇନଥାଏ ।

ଟିପ୍ପଣୀ

**ଶିକ୍ଷଣ କାର୍ଯ୍ୟ - ୫**

ବହୁ - ଶ୍ରେଣୀ ଶିକ୍ଷାଦାନର ବିଭିନ୍ନ ବିଭାଗ, ଏଥିରେ ସଂଲଗ୍ନ ସମସ୍ୟା ତଥା ଏହାର ଯୋଜନା ଏବଂ ପରିଚାଳନାକୁ ଜାଣି ଗୋଟିଏ ବହୁ ଶ୍ରେଣୀ ପରିସ୍ଥିତି ଚିନ୍ତନ କରନ୍ତୁ ଏବଂ ଏକକ - ଶ୍ରେଣୀ ଅବସ୍ଥାର ବିଭିନ୍ନ ସୋପାନ ଗୁଡ଼ିକ ସହ ତୁଳନା କରନ୍ତୁ । ଦୁଇଟି ଅବସ୍ଥା ମଧ୍ୟରେ ଥିବା ବିଭିନ୍ନତାର ସୂଚି ତିଆରି କରନ୍ତୁ ।

________________________________________

________________________________________

________________________________________

________________________________________

ନିଜ ସୂଚୀର ତୁଳନା ନିମ୍ନଲିଖିତ ଭାବରେ କରନ୍ତୁ । ଏକକ ଶ୍ରେଣୀ ଏବଂ ବହୁ ଶ୍ରେଣୀ ଶିକ୍ଷଣ ଅବସ୍ଥାର ବିଭିନ୍ନତା ।

| ଏକକ - ଶ୍ରେଣୀ | ବହୁ - ଶ୍ରେଣୀ |
|---|---|
| ❍ ଏକକ - ଶ୍ରେଣୀ ପାଇଁ ଜଣେ ଶିକ୍ଷକ | ❍ ବହୁତ ଗୁଡ଼ିଏ ଶ୍ରେଣୀ ପାଇଁ ଜଣେ ଶିକ୍ଷକ |
| ❍ ପ୍ରତ୍ୟେକ ଶ୍ରେଣୀ ପାଇଁ ଗୋଟିଏ ଗୋଟିଏ ଶ୍ରେଣୀ ଗୃହ | ❍ ଏକରୁ ଅଧିକ ଶ୍ରେଣୀ ପାଇଁ ଗୋଟିଏ ଶ୍ରେଣୀ ଗୃହ । |
| ❍ ପିଲାମାନଙ୍କ ମଧ୍ୟରେ କ୍ରିୟା ପ୍ରତିକ୍ରିୟା କମ୍ । | ❍ ପିଲା ମାନଙ୍କ ମଧ୍ୟରେ ସହଯୋଗ ତଥା କ୍ରିୟା ପ୍ରତିକ୍ରିୟା ଅଧିକ । |
| ❍ ପିଲାମାନଙ୍କର ଅନୁଭବର ଭିନ୍ନତା ଗୋଟିଏ ଦଳ ଭିତରେ ହିଁ ସୀମିତ ରହିଥାଏ । ଏଠାରେ କେବଳ ସୀମିତ ଅନୁଭବର ଆଦାନ ପ୍ରଦାନ ହୋଇଥାଏ । | ❍ ପିଲାମାନଙ୍କର ଅନୁଭବ ଭିନ୍ନତା ଅସୀମିତ ହୋଇଥାଏ କାରଣ ସେମାନେ ଅନେକ ଦଳରେ ରହିଥାନ୍ତି । ସେଥିପାଇଁ ଅନୁଭବର ଆଦାନ - ପ୍ରଦାନ ଅଧିକ ହୋଇଥାଏ । |
| ❍ ପିଲାମାନଙ୍କର ବିଶ୍ୱାସ ଥାଏ ଯେ ଶିକ୍ଷକ ଯେକୌଣସି ସମୟରେ ସେମାନଙ୍କର ସହାୟତା କରିବେ । ଏଠି ଯେ କୌଣସି ସମସ୍ୟା ଆସିବା ବେଳେ ଶିକ୍ଷକଠାରୁ ସହାୟତା ନେଇ ପାରିବାର ସୁଯୋଗ ଥାଏ । ପରିଣାମ ସ୍ୱରୂପ ଶିକ୍ଷକ ନିର୍ଭରତା ଲକ୍ଷଣ ବିକଶିତ ହୋଇଥାଏ । | ❍ ଛାତ୍ରଛାତ୍ରୀ ନିଜେ ନିଜକୁ ସହାୟତା କରନ୍ତି । ଯେଉଁଠି କେହି (ଉଚ୍ଚଶ୍ରେଣୀ ର ଛାତ୍ରଛାତ୍ରୀ/ସେହି ଶ୍ରେଣୀର ଉଚ୍ଚ ଯୋଗ୍ୟତା ଥିବା ଛାତ୍ର ଛାତ୍ରୀମାନେ) ନିମ୍ନ ବୟସ ବର୍ଗର ପିଲାମାନଙ୍କର ସହାୟତା ଶିକ୍ଷକଙ୍କ ସମ୍ମୁଖରେ କରିବା ପାଇଁ ହୋଇଥାଏ । ଏଠାରେ ଶିକ୍ଷକ ନିର୍ଭରତା କମ ହୋଇଥାଏ । |
| ❍ ଅଧିକାଂଶ ଅବସ୍ଥା ଔପଚାରିକ ହୋଇଥାଏ । | ❍ ଅବସ୍ଥା ପୂର୍ଣ୍ଣତଃ ଔପଚାରିକ ହୋଇଥାଏ । |

| ଏକକ - ଶ୍ରେଣୀ | ବହୁ - ଶ୍ରେଣୀ |
|---|---|
| ❍ ଶ୍ରେଣୀ ଟି ଶିକ୍ଷକ ପ୍ରଧାନ ରହିଥାଏ ।<br>❍ ଏହା ବୁଝାଯାଏ ଯେ ଶ୍ରେଣୀରେ ତିନୋଟି ସ୍ତର (ମଧ୍ୟମରୁ ଉପର, ମଧ୍ୟମ ତଥା ମଧ୍ୟମରୁ ତଳ) ର ଛାତ୍ରଛାତ୍ରୀ ଥାନ୍ତି ।<br>❍ ଉଚ୍ଚ ବୟସ/ବର୍ଗ ପିଲାମାନେ ତଥା ନିମ୍ନ ବୟସ/ ବର୍ଗ/ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ମିତ୍ରତାର ଭାବ ନ ଥାଏ ।<br>❍ ସ୍ତର ଅନୁସାରେ ଦଳ ଉପରେ ଅଧିକ ଗୁରୁତ୍ୱ<br>❍ ଶିକ୍ଷକ ଶ୍ରେଣୀରେ ସବୁ ସମୟ ଉପସ୍ଥିତ ରହିବା ପାଇଁ ବାଧ ହୋଇଥାନ୍ତି । ସେଥିପାଇଁ ସେଠାରେ ସଂରଚନାତ୍ମକ ଶିକ୍ଷଣ ହୋଇଥାଏ । | ❍ ଶ୍ରେଣୀର ପରିଚାଳନା ମୁଖ୍ୟତଃ ଛାତ୍ରଛାତ୍ରୀ ଦ୍ୱାରା ପୁରା ହୋଇଥାଏ । ତେଣୁ ଶିକ୍ଷକ ପ୍ରଧାନତା ବହୁତ କମ୍ ହୋଇଥାଏ ।<br>❍ ଏଠାରେ ମଧ୍ୟମର ଉପର, ମଧ୍ୟମ ବା ମଧ୍ୟମରୁ ତଳ ପ୍ରକାରର ସ୍ତର ନ ଥାନ୍ତି, ଯେଉଁଠିକି ଅଲଗା-ଅଲଗା ଶ୍ରେଣୀର ଭାବନା ଏଥିରେ ନଥାଏ । ସବୁ ଛାତ୍ର ଛାତ୍ରୀ ଏହା ଅନୁଭବ କରନ୍ତି ଯେ ସମସ୍ତେ ଗୋଟିଏ ଦଳର ଅଟନ୍ତି ।<br>❍ ଉଚ୍ଚ ବୟସ ବର୍ଗ/ଶ୍ରେଣୀର ପିଲାମାନେ ତଥା ନିମ୍ନ ବୟସ ବର୍ଗ/ଶ୍ରେଣୀର ପିଲାମାନେ ନିଜ ମଧ୍ୟରେ ମିତ୍ରତା କରିବାର ଅଧିକ ସମୟ ମିଳିଥାଏ ।<br>❍ ସାମାଜିକ ଦଳ ଉପରେ ଅଧିକ ଜୋର ।<br>❍ ଏଠାରେ ଶିକ୍ଷଣର ଅଧିକ ସୁଯୋଗଥାଏ । କାରଣ ଶିକ୍ଷକ ପୂର୍ଣ୍ଣରୂପରେ ଶ୍ରେଣୀରେ ଉପସ୍ଥିତି ରୁହନ୍ତି ନାହିଁ । କିନ୍ତୁ ଶିକ୍ଷଣ କ୍ରିୟା ହୋଇଥାଏ । |

## ୭.୩ ବହୁ-ସ୍ତରୀୟ ବ୍ୟବସ୍ଥା

ଜଣେ ଶିକ୍ଷକ ହିସାବରେ ଆପଣ ଏକକ - ଶ୍ରେଣୀ ବ୍ୟବସ୍ଥା ତଥା ଏକ-ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ସହିତ ପରିଚିତ ଓ ଅଭ୍ୟସ୍ତ ହୋଇଥିବେ ଏବଂ ଆପଣ ଏକକ ଶ୍ରେଣୀରେ କିପରି ଶିକ୍ଷଣର ସଂଗଠନ ଏବଂ ପରିଚାଳନା କରିଯିବ ସେ ବିଷୟରେ ଅନୁଭୂତି ପ୍ରାପ୍ତ ହୋଇଥିବେ । ଆପଣ ଲକ୍ଷ୍ୟ କରିଥିବେ ଯେ ପ୍ରତ୍ୟେକ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଏକକ-ଶ୍ରେଣୀ ବ୍ୟବସ୍ଥା ବା ବହୁ ଶ୍ରେଣୀ ବ୍ୟବସ୍ଥାରେ ନିଜ ନିଜ ମଧରେ ଶିକ୍ଷଣର ଆବଶ୍ୟକତା ଶିକ୍ଷଣ କ୍ଷମତା, ରୁଚି, ଅଭିରୁଚି, ଅଭିପ୍ରେରଣା ଇତ୍ୟାଦିରେ ପ୍ରତ୍ୟେକ ପ୍ରତ୍ୟେକଠାରୁ ଭିନ୍ନ। ଆପଣ ନିମ୍ନଲିଖିତ ବିନ୍ଦୁଉପରେ ଅବଲୋକନ କରିଥିବେ:-

- ଜଣେ ଶିକ୍ଷାର୍ଥୀ ଏକ ପାଠ/ବିଷୟକୁ ଶିଖିବା ପାଇଁ କମ ସମୟ ନେଲାବେଳେ ଅନ୍ୟଶିକ୍ଷାର୍ଥୀ ସେହି ପାଠ/ବିଷୟକୁ ଶିଖିବା ପାଇଁ ଅଧିକ ସମୟ ନେଇଥାଏ ।
- ଜଣେ ଶିକ୍ଷାର୍ଥୀ ଉଚ୍ଚ ଶିକ୍ଷଣ ଉପଲବ୍ଧିର ହୋଇପାରିଥାଏ, ଯେଉଁଠିକି ଅନ୍ୟଶିକ୍ଷାର୍ଥୀ ନିମ୍ନ ଶିକ୍ଷଣ ଉପଲବ୍ଧିର ହୋଇଥାଏ । ଅନ୍ୟଭାଷରେ କହିବାକୁ ଗଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ଏହି ଆଧାରରେ ଅନ୍ୟ ତୁଳନାରେ ସ୍ୱତନ୍ତ୍ର ଶିକ୍ଷଣ ଗତି ତଥା ଭିନ୍ନ ଶିକ୍ଷଣ ଉପଲବ୍ଧି ସ୍ତରର ମିଳିଥାନ୍ତି । ତେଣୁ ଗୋଟିଏ ଶ୍ରେଣୀରେ ଆପଣ ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କର ଦେଖିବାକୁ ପାଇବେ । ଗୋଟିଏ ଶ୍ରେଣୀରେ ବିଭିନ୍ନ ଯୋଗ୍ୟତା ସ୍ତର ଥିବା ଛାତ୍ରଛାତ୍ରୀ (ଉଚ୍ଚ ମଧମ ଓ ନିମ୍ନ) ର ହେବାକୁ ବହୁ-ସ୍ତର ଅବସ୍ଥା କୁହାଯାଏ । ନିମ୍ନ ଉଦାହରଣକୁ ବୁଝନ୍ତୁ:-

  ଜଣେ ଶିକ୍ଷକ ତିନି ଯୋଗ୍ୟତା ସ୍ତରର ଦଳ (ଉଚ୍ଚ, ମଧମ ଏବଂ ନିମ୍ନ) ଥିବା ଶ୍ରେଣୀକୁ

ନେଲେ । ସେଥିରୁ ମଧ୍ୟମ ପିଲାମାନଙ୍କୁ ଧ୍ୟାନରେ ରଖି ନିଜର ପାଠ-ଯୋଜନା ତିଆରି କଲେ । ଉଚ୍ଚ ଉପଲବ୍ଧି ଥିବା ଛାତ୍ରଛାତ୍ରୀମାନେ ନିଜ କାମ ନିର୍ଦ୍ଧାରିତ ସମୟ ପୂର୍ବରୁ ଶୀଘ୍ର କଲେ ଏବଂ ଆଗକୁ କ'ଣ କରିବେ ଶିକ୍ଷକଙ୍କ ନିର୍ଦ୍ଦେଶକୁ ଅପେକ୍ଷା କଲେ । ଅନ୍ୟ ପକ୍ଷେ ନିମ୍ନ ଉପଲବ୍ଧି ଥିବା ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କର ଅପେକ୍ଷା କରିଥାନ୍ତି ଯେ ସେମାନଙ୍କୁ ଅଧିକ ସମୟ ଦିଆଯାଉ କାରଣ କାମ କରିବାର ସମୟସୀମା ଶେଷ ହୋଇ ଗଲା । ଏହା ସ୍ପଷ୍ଟ ଯେ ଶିକ୍ଷକ ନା ଉଚ୍ଚସ୍ତରରେ ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷଣ ପ୍ରକ୍ରିୟାର ଯୋଜନା କରିଥିଲେ ନା ନିମ୍ନ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ସମୟର ନିୟୋଜନ କରିଥିଲେ । ଏପରି ଅବସ୍ଥାର ପରିଚାଳନା ପାଇଁ ଯୋଜନା କରି ନଥିଲେ । ଜଣେ ଶିକ୍ଷକ ହିସାବରେ ଉଚ୍ଚ ଉପଲବ୍ଧି ତଥା ନିମ୍ନ ଉପଲବ୍ଧି ଥିବା ଛାତ୍ରଛାତ୍ରୀ ମାନଙ୍କର ବହୁସ୍ତର ଅବସ୍ଥାର ଆବଶ୍ୟକତା ପୂରଣ ପାଇଁ ସମୟ - ଯୋଜନା ବହୁତ ଗୁରୁତ୍ୱ ପୂର୍ଣ୍ଣ ଅଟେ, ସେ ଯେ କୌଣସି ଯୋଗ୍ୟତା ସ୍ତର ସହିତ ସଂବଧିତ ହୁଅନ୍ତୁ ।

ଗୋଟିଏ ବହୁ-ସ୍ତରୀୟ ଅବସ୍ଥାର କେତେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଛି । ଆମେ ସେଗୁଡିକୁ ବୁଝିବା ଏବଂ ଏହା ସମାଧାନ ପାଇଁ କୌଶଳ ଗୁଡିକୁ ଶିଖିବା:-

ବହୁସ୍ତରୀୟ ପରିସ୍ଥିତି ଏବଂ ବହୁ - ସ୍ତରୀୟ ଶିକ୍ଷାଦାନର ସ୍ଥିତି ନିମ୍ନ କାରଣରୁ ଉତ୍ପନ୍ନ ହୋଇଥାଏ ।

- ଫଳପ୍ରଦ ଶିକ୍ଷାଦାନ ଶିକ୍ଷଣର ସହଜୀକରଣ ପାଇଁ ଯେତେବେଳେ ଆପଣଙ୍କୁ ଗୋଟିଏ ଶ୍ରେଣୀ (ଏକକଶ୍ରେଣୀ ଅବସ୍ଥା) ର ଛାତ୍ରଛାତ୍ରୀ ମାନଙ୍କୁ କେତୋଟି ସମାନ ଯୋଗ୍ୟତା ଦଳରେ ବିଭାଜିତ କରିବାକୁ ପଡିଥାଏ । ଉଦାହରଣ ସ୍ୱରୂପ - ଗୋଟିଏ ଶ୍ରେଣୀରେ ୩୦ -୪୦ ଛାତ୍ରଛାତ୍ରୀ ଅଛନ୍ତି । ଆପଣ ସେମାନଙ୍କୁ ଶିକ୍ଷଣ ଯୋଗ୍ୟତାକୁ ଆଧାର କରି ଅତିକମ୍‌ରେ କେତୋଟି ଦଳରେ ବିଭାଜିତ କରିପାରିବେ । ଆପଣ ସବୁ ଉତ୍ତମ ଛାତ୍ରଛାତ୍ରୀ ମାନଙ୍କୁ ଦ୍ୱିତୀୟ ଦଳରେ ଏବଂ ସବୁ ସ୍ତରର ଛାତ୍ରଛାତ୍ରୀମାନଙ୍କୁ ତୃତୀୟ ଦଳରେ ରଖିପାରନ୍ତି । ଏଠାରେ ପ୍ରଥମ ଦଳରେ ଛାତ୍ରଛାତ୍ରୀମାନଙ୍କୁ ତୃତୀୟ ଦଳରେ ରଖିପାରିପାରନ୍ତି । ଏଠାରେ ପ୍ରଥମ ଦଳରେ ଛାତ୍ରଛାତ୍ରୀ ମାନେ ଶିକ୍ଷଣ ଅନୁଭବ ଗୁଡିକୁ ଶୀଘ୍ର ହାସଲ କରନ୍ତି । ତୃତୀୟ ଦଳ ତୁଳନାରେ ସେମାନେ ସବୁବେଳେ ଶୀଘ୍ର ପ୍ରଗତି କରିଥାନ୍ତି । ଏପରି ଶ୍ରେଣୀକୁ ସମାନ ଯୋଗ୍ୟତା ଭିତ୍ତିକ ତିନିଟି ଛୋଟ ଶ୍ରେଣୀ ବୋଲି ବୁଝିବାକୁ ହେବ । ଅନ୍ୟ ଭାଷାରେ ପ୍ରତ୍ୟେକ ଏକକ - ଶ୍ରେଣୀ ଅବସ୍ଥାରେ ବହୁ - ସ୍ତରୀୟ ଅବସ୍ଥା ରହିଥାଏ/ଏହା ଛଡା ଜଣେ ଶିକ୍ଷକ ବିଭିନ୍ନ ଶିକ୍ଷଣ ଯୋଗ୍ୟତା, ଦକ୍ଷତା, ଅଭିରୁଚି, ରୁଚି ଆଦି ଥିବା ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଣୀରେ ପାଇଥାନ୍ତି ଯେଉଁଥିରୁ ବହୁ - ଶ୍ରେଣୀ ଅବସ୍ଥା ଉତ୍ପନ୍ନ ହୋଇଥାଏ ।

- ଯେତେବେଳେ ଆପଣ ବହୁ - ଶ୍ରେଣୀ ପରିସ୍ଥିତିର ପରିଚାଳନା କରୁଥାନ୍ତି ସେତେବେଳେ ବହୁ-ସ୍ତରୀୟ ଅବସ୍ଥା ଦେଖାଦେଇଥାଏ । ଉଦାହରଣ ସ୍ୱରୂପ - ଆପଣ ୩ଟି ଶ୍ରେଣୀରେ (ପ୍ରଥମ, ଦ୍ୱିତୀୟ ଓ ତୃତୀୟ) ଏକା ସଙ୍ଗେ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା କରୁଛନ୍ତି । ଶ୍ରେଣୀ ଦୃଷ୍ଟିରୁ ଆପଣଙ୍କ ସମ୍ମୁଖରେ ତିନି ପ୍ରକାର/ସ୍ତରର ଛାତ୍ରଛାତ୍ରୀ (ଉତ୍ତମ ମଧ୍ୟମ ଓ ନିମ୍ନ) ଅଛନ୍ତି ଏବଂ ତିନୋଟି ଶ୍ରେଣୀରେ ତିନିସ୍ତରର ଛାତ୍ରଛାତ୍ରୀ ହୋଇପାରନ୍ତି । ତେଣୁ ଆପଣ





ଗୋଟିଏ ବହୁ-ସ୍ତରୀୟ ବହୁ-ଶ୍ରେଣୀ ଅବସ୍ଥାର ସମ୍ମୁଖୀନ କରୁଛନ୍ତି । ବାସ୍ତବରେ ପ୍ରତ୍ୟେକ ବହୁ-ଶ୍ରେଣୀ ପରିସ୍ଥିତି ସର୍ବଦା ଏକ ବହୁ - ସ୍ତରୀୟ ଅବସ୍ଥା ହୋଇଥାଏ ।

ଏହି ପ୍ରକାର ବହୁ - ସ୍ତରୀୟ ସ୍ଥିତି ସବୁସମୟରେ ଏକକ ଶ୍ରେଣୀ ଏବଂ ବହୁ -ଶ୍ରେଣୀ ଉଭୟ ଅବସ୍ଥାରେ ବିଦ୍ୟମାନ ହୋଇଥାଏ । କିନ୍ତୁ ଜଣେ ଶିକ୍ଷକ ବହୁ - ଶ୍ରେଣୀ ଅବସ୍ଥା ତୁଳନାରେ ଏକକ ଶ୍ରେଣୀ ଅବସ୍ଥାରେ ବହୁ-ସ୍ତରୀୟ ଛାତ୍ରଛାତ୍ରୀମାନଙ୍କୁ ସମ୍ଭାଳିବା ପାଇଁ ଅଧିକ ସମୟ ପାଇଥାନ୍ତି । କାରଣ ବହୁ - ଶ୍ରେଣୀ ଅବସ୍ଥାରେ ଏହାକୁ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ସମ୍ଭାଳିବାକୁ ପଡିଥାଏ ଏବଂ ସମୟ ଓ ସମ୍ବଳର ଉପଯୁକ୍ତ ବିନିଯୋଗ ମଧ୍ୟ କମି ଆସିଥାଏ ।

### ୭.୩.୧ ବହୁ-ସ୍ତରୀୟ ଅବସ୍ଥାର ସମସ୍ୟା

ଆମେ ଜାଣିଛୁ ଯେ ବହୁ - ଶ୍ରେଣୀୟ ପରିସ୍ଥିତି ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ଏବଂ ଶ୍ରେଣୀ - କୋଠରୀର ଅଭାବ କାରଣରୁ ଉତ୍ପନ୍ନ ହୋଇଥାଏ । କିନ୍ତୁ ଗୋଟିଏ ବହୁ - ସ୍ତରୀୟ ଅବସ୍ଥା ଏକକ ଶ୍ରେଣୀ ଓ ବହୁ - ଶ୍ରେଣୀ ଉଭୟ ଅବସ୍ଥାରେ ସବୁ ସମୟରେ ଦେଖାଯାଏ । ବହୁ -ସ୍ତରୀୟ ଅବସ୍ଥାରେ କିଛି ଗୁରୁତ୍ୱ ପୂର୍ଣ୍ଣ ସମସ୍ୟା ନିମ୍ନଲିଖିତ ଦିଆଯାଇଛି:-

- ଗୋଟିଏ ଶ୍ରେଣୀରେ ଅଧିକ ସଂଖ୍ୟାର ଛାତ୍ରଛାତ୍ରୀ ମଧ୍ୟମ ଉପଲବ୍ଧ ଯୋଗ୍ୟତା ଓ ସେହି ତୁଳନାରେ କମ୍ ଛାତ୍ରଛାତ୍ରୀ ଉଚ୍ଚ ତଥା ନିମ୍ନ ଯୋଗ୍ୟତାର ହୋଇଥାନ୍ତି । ସାଧାରଣତଃ ପାଠ୍ୟବିଷୟ ସମ୍ପର୍କିତ ଶିକ୍ଷାଦାନ ଓ ଶିକ୍ଷଣ ଯୋଜନା ଓ କାର୍ଯ୍ୟକାରିତା ତଥା ମଧ୍ୟମ ଛାତ୍ରଛାତ୍ରୀମାନଙ୍କ ଯୋଗ୍ୟତାକୁ ଧ୍ୟାନରେ ରଖି କରାଯାଇଥାଏ । ପରିଣାମ ସ୍ୱରୂପ ଉଚ୍ଚ ଏବଂ ନିମ୍ନ ଯୋଗ୍ୟତା ଦଳର ଛାତ୍ରଛାତ୍ରୀମାନେ ଲାଭବାନ ହୁଅନ୍ତି ନାହିଁ ଏବଂ ସେମାନଙ୍କ ଶିକ୍ଷଣ ବାଧାପ୍ରାପ୍ତ ହୋଇଥାଏ । ସେଥିପାଇଁ ଶିକ୍ଷକଙ୍କ ନିମିତ୍ତ ଏହା ଏକ ଆହ୍ୱାନ ଅଟେ ଯେ କେଉଁ ପ୍ରକାର ମଧ୍ୟମ ସ୍ତର ଛାତ୍ରଛାତ୍ରୀମାନଙ୍କ ସଙ୍ଗେ ଏହି ଦୁଇସ୍ତରର ଛାତ୍ରଛାତ୍ରୀମାନଙ୍କର ଶିକ୍ଷଣ ଆବଶ୍ୟକତାଗୁଡିକୁ ଧ୍ୟାନରେ ରଖି ସେଗୁଡିକୁ ପରିଚାଳନା କରିବାକୁ ହେବ ।
- ନିଜସ୍ଥିତିର ଶିକ୍ଷଣ ଦକ୍ଷତା ଗୁଡିକର ପାରଙ୍ଗମତା ହାସଲ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କ ସାର୍ବଜନୀନ ଫଳାଫଳ ଆକଳନକୁ ଆଧାର କରି ଦଳ କରିବାରେ ସହାୟକ ହୋଇନଥାଏ । କାରଣ ଉଚ୍ଚ ଯୋଗ୍ୟତା ଦଳ ଛାତ୍ରଛାତ୍ରୀ ସେହି ଦଳର ଶିକ୍ଷଣ କ୍ରିୟାରେ ସହଯୋଗିତା ପାଇଁ ସୁଖକର ଅନୁଭବ କରନ୍ତି ନାହିଁ (ସେମାନଙ୍କ ପସନ୍ଦ, ରୁଚି, ଅଭିବୃତ୍ତି, ଚୟନ ଇତ୍ୟାଦିର ଆଧାର) ଯାହାକି ସେମାନଙ୍କର ଉପରେ ଲଦି ଦିଆଯାଇଥାଏ ।
- ସାଧାରଣ ପାଠ୍ୟ ପୁସ୍ତକର ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ କେନ୍ଦ୍ରକରି କାର୍ଯ୍ୟ କଲେ ବହୁ ସ୍ତରୀୟ ପରିସ୍ତିତିରେ ଭିନ୍ନଭିନ୍ନ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ସହାୟକ ହୋଇପାରିବ ନାହିଁ ।
- ଗୋଟିଏ ବହୁ - ଶ୍ରେଣୀ ଶିକ୍ଷକ ପାଇଁ ବିଭିନ୍ନ ଶ୍ରେଣୀର ବିଭିନ୍ନ ସ୍ତରର ଛାତ୍ରଛାତ୍ରୀମାନଙ୍କ ଶିକ୍ଷଣ ଆବଶ୍ୟକତା ଗୁଡିକୁ ଧ୍ୟାନରେ ରଖିବା ନିଶ୍ଚିତ ରୂପରେ ଗୋଟିଏ କଠିନ କାର୍ଯ୍ୟ ଅଟେ ।

ଟିପ୍ପଣୀ

- ଗୋଟିଏ ବହୁ - ଶ୍ରେଣୀ ପରିସ୍ଥିତି ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ଉପଯୁକ୍ତ ଶିକ୍ଷାଦାନ ଶିକ୍ଷଣ ସାମଗ୍ରୀ ଓ ଅନ୍ୟ ସମ୍ବଳ ସମାଗ୍ରୀ ତିଆରି କରିବା ନିଃସନ୍ଦେହରେ ଶିକ୍ଷକ ପାଇଁ ଏକ କଷ୍ଟ କାର୍ଯ୍ୟ ଅଟେ ।

## ୭.୩.୨ ବହୁ-ସ୍ତରୀୟ ପରିସ୍ଥିତିର ସମସ୍ୟା

ବହୁସ୍ତରୀୟ ପରିସ୍ଥିତିର ପରିଚାଳନା ପାଇଁ କିଛି କୌଶଳ ନିମ୍ନରେ ଦିଆଗଲା:-

- ଶିକ୍ଷାଦାନ ଓ ଶିକ୍ଷଣ କାର୍ଯ୍ୟ ପୂର୍ବରୁ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ଗୁଡିକୁ ଚିହ୍ନଟ କରାଯିବା ଦରକାର ।
- ବିଭିନ୍ନ ସ୍ତର ନିର୍ବିଶେଷରେ (ଯେ କୌଣସି ସ୍ତରର) ଛାତ୍ରଛାତ୍ରୀମାନଙ୍କୁ ନିଜ ଗତି ଅନୁସାରେ ଶିଖିବାର ଅନୁମତି ଦରକାର ।
- ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ରୁଚି ଏବଂ ଇଚ୍ଛା ଅନୁସାରେ ଦଳରେ ସହଭାଗୀତା ପାଇଁ ଅନୁମତି ମିଳିବା ଦରକାର ।
- ଦଳରେ ଛାତ୍ରଛାତ୍ରୀମାନଙ୍କର ମତବ୍ୟକ୍ତକୁ ଅନୁମତି ଦିଆ ଯିବା ଦରକାର ମାତ୍ର ଦଳର ମତାମତକୁ ତା'ଉପରେ ଲଦି ଦେବା ଦରକାର ନୁହେଁ ।
- ବ୍ୟକ୍ତିଗତ ଶିକ୍ଷଣକୁ ସହଜ କରିବା ପାଇଁ ସହପାଠୀ ଶିକ୍ଷଣ ଆବଶ୍ୟକ ହେବା ଦରକାର ।
- ପ୍ରତ୍ୟେକ ସ୍ତର ପାଇଁ ସମୟର ସଠିକ୍ ପରିଚାଳନା ହେବା ଦରକାର ।

ନିମ୍ନଲିଖିତ ଶିକ୍ଷଣକାର୍ଯ୍ୟ ଦ୍ୱାରା ବହୁସ୍ତରୀୟ ପରିସ୍ଥିତିର ସଫଳ ପରିଚାଳନା ସୁନିଶ୍ଚିତ କରାଯାଇ ପାରିବ ।

**ବାରମିଶା ଦଳଗଠନ କରିବା - (Making Hetrogeneous grups)**

ବହୁ - ସ୍ତରୀୟ ପରିସ୍ଥିତି (ଏକକ ଶ୍ରେଣୀ ବା ବହୁ - ଶ୍ରେଣୀ ଉଭୟରେ) ଶିକ୍ଷାଦାନ ଶିକ୍ଷଣ କାର୍ଯ୍ୟ ଗୁଡିକୁ ପରିଚାଳନା କରିବାବେଳେ ବାରମିଶା ଦଳ (ମିଶ୍ରୀତ ଯୋଗ୍ୟତା ଦଳ) ର ପ୍ରକ୍ରିୟା କୁ ଗ୍ରହଣ କରିବା ଦରକାର । କିନ୍ତୁ ପାଠର ଶିକ୍ଷଣ ଓ ମୂଲ୍ୟାଙ୍କନ ପୁରା ହେବା ପରେ ସମାନ ଯୋଗ୍ୟତା ଦଳ (ସାମଙ୍ଗୀ ଦଳ) ତିଆରି କରାଯାଇ ପାରିବ । ପ୍ରତିକାରାତ୍ମକ ପାଠ ତଥା ସାମଗ୍ରୀର ବ୍ୟବସ୍ଥା ନିମ୍ନ ସ୍ତର ପାଇଁ ଏବଂ ସମୃଦ୍ଧ ଶିକ୍ଷଣ ପାଠ, ଉଚ୍ଚସ୍ତରର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବ୍ୟବସ୍ଥିତ କରାଯାଏ । ନିଃସନ୍ଦେହ ଯେଉଁ ଶିକ୍ଷକ ବହୁ-ଶ୍ରେଣୀ ଅବସ୍ଥାରେ କାମ କରିଥାନ୍ତି ପ୍ରଥମରୁ ହିଁ ତାଙ୍କୁ ଯଥେଷ୍ଟ ପ୍ରସ୍ତୁତି ହେବାକୁ ପଡ଼ିବ । ଦଳଗତ ଏବଂ ବ୍ୟକ୍ତିଗତ ଶିକ୍ଷଣ ଦ୍ୱାରା ଶିକ୍ଷଣ ଦକ୍ଷତା ଗୁଡିକରୁ ପାରଙ୍ଗମତା ହାସିଲ୍ କରିହେବ ।

ବହୁ ଶ୍ରେଣୀ ଏବଂ ବହୁ - ସ୍ତରୀୟ ଶିକ୍ଷଣର ସବୁଠାରୁ ବଡ ସମସ୍ୟା ହେଉଛି ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷଣ ଦକ୍ଷତା ଗୁଡିକର ନିଜର ସ୍ୱଂୟ ଗତି ଅନୁସାରେ ପାରଙ୍ଗମତା ଅର୍ଜନ କରିବା ପାଇଁ କିଭଳି ସହାୟତା ଦିଆଯିବ । ଏହି ସଂବନ୍ଧରେ ରଷୀ ଭ୍ୟାଲି ଇନ୍‌ଷ୍ଟୀଚ୍ୟୁଟ୍ ଅଫ୍

ଏଜୁକେଶନାଲ ରିସୋରସେସ୍ ଆନ୍ଧ୍ର ପ୍ରଦେଶ ସରକାରଙ୍କ ଦ୍ୱାରା ୧୯୯୩ ମସିହାରେ ଏକ ନୂଆ ଅଧ୍ୟୟନର ବିକାଶ କରାଯାଇଅଛି । ଯାହା ରିଷୀ ଭ୍ୟାଲୀ ପନ୍ଥା ନାମରେ ଜଣାଶୁଣା ଅଟେ । ଏହି ପନ୍ଥାର ମହତ୍ୱ ହେଉଛି ଛାତ୍ରଛାତ୍ରୀ ମାନଙ୍କର ଦଳଗତ ତଥା ବ୍ୟକ୍ତିଗତ ଉଭୟ ପରିସ୍ଥିତିରେ ଶିକ୍ଷଣ ଦକ୍ଷତା ଗୁଡିକୁ ପାରଙ୍ଗତା ଅର୍ଜନ କରିବାକୁ ଯୋଗ୍ୟ କରିବା ପାଇଁ ଶିକ୍ଷଣ ପରିକଳ୍ପନା କରିବା । ସେହି ପ୍ରକ୍ରିୟା ସଂକ୍ଷେପରେ ନିମ୍ନଲିଖିତ ରୂପରେ ଦର୍ଶାଇ ଦିଆଯାଇଛି:-

- ସର୍ବପ୍ରଥମେ ପ୍ରତ୍ୟେକ ଶ୍ରେଣୀ ପାଇଁ ପ୍ରତ୍ୟେକ ବିଷୟରେ ପ୍ରଦତ୍ତ ଶିକ୍ଷଣ ଦକ୍ଷତା ଗୁଡିକର କ୍ରମ ଅନୁସାରେ ତାଲିକା ବିଶ୍ଳେଷଣ କରିବା ପରେ ଗୋଟିଏ ବିଶେଷ କ୍ରମରେ ପ୍ରସ୍ତୁତ କରିଯାଇଥାଏ ।

- କ୍ରମାନୁସାରେ ବ୍ୟବସ୍ଥିତ ଦକ୍ଷତା ଗୁଡିକରୁ ପ୍ରତ୍ୟେକଙ୍କୁ ଗୋଟିଏ ମାଇଲ୍ ଷ୍ଟୋନ୍ ବୁଝାଯାଏ । ଗୋଟିଏ ଦକ୍ଷତାକୁ ଅର୍ଜିତ କରିନେବା ପରେ ଛାତ୍ରଛାତ୍ରୀ ସେହି (ମାଇଲ୍ ଷ୍ଟୋନ୍) ଉପରେ ପହଁଞ୍ଚି ଯାଆନ୍ତି ଏବଂ ପର ମାଇଲ୍ ଷ୍ଟୋନ୍ ଉପରେ ତା'ପର ଦକ୍ଷତା ଅର୍ଜିତ କରିବକୁ ଆଗକୁ ବଢନ୍ତି ।

- ସବୁ ଦକ୍ଷତା ଗୁଡିକ ବା ମାଇଲ୍ ଷ୍ଟୋନ୍ , ଯାହା ଗୋଟିଏ ବିଶେଷ କ୍ରମରେ ବ୍ୟବସ୍ଥିତ କରାଯାଇଥାଏ, ମିଶିକରି ଗୋଟିଏ ଶ୍ରେଣୀର ଗୋଟିଏ ବିଷୟରେ ଏକ ନିରବଚ୍ଛିନ୍ନ ଶିକ୍ଷଣମାର୍ଗ ତିଆରି କରେ ।

- ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୋଟିଏ ଦକ୍ଷତା ଅର୍ଜନ କରିବା ପରେ ପର ଦକ୍ଷତା ଅର୍ଜନ କରିବା ନିମିତ ସହାୟତା ପାଇଁ ବହୁତ ଶିକ୍ଷଣ କାର୍ଯ୍ୟ ଗୁଡିକର ଯୋଜନା କରାଯାଇଥାଏ । ଏଥିରେ ଶିକ୍ଷକ ସର୍ବପ୍ରଥମେ ଗୋଟିଏ ପୁରା ଶ୍ରେଣୀ ପାଇଁ ଏକ ପ୍ରାରମ୍ଭିକ କାର୍ଯ୍ୟ, ପରେ ଦଳଗତ ତଥା ବ୍ୟକ୍ତିଗତ କାର୍ଯ୍ୟ ଯେମିତିକି - ଅଭ୍ୟାସ କାର୍ଯ୍ୟ, ପୁନର୍ବଳନ କାର୍ଯ୍ୟ, ମୂଲ୍ୟାୟନ କାର୍ଯ୍ୟ ଇତ୍ୟାଦିକୁ କ୍ରମଅନୁସାରେ କରିବା ଏହି ପନ୍ଥାର ମୁଖ୍ୟ ଧାରା ଅଟେ । କେଉଁ କାର୍ଯ୍ୟ କେଉଁ ସମୟରେ ଶିକ୍ଷକଙ୍କୁ ପୁରା ସହଭାଗିତା ସହିତ, ଶିକ୍ଷକଙ୍କର ଆଶିଂକ ସହ ଭାଗିତା ସହିତ, ସାଥୀମାନଙ୍କର ସହଭାଗିତା ସହିତ ଏବଂ କୌଣସି ସହାୟତା ବିନା ସଂପାଦିତ କରାଯାଏ, ଏହି ସମ୍ବନ୍ଧରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଥାଏ । ଗୋଟିଏ ମାଇଲ୍ ଷ୍ଟୋନ୍‌ରୁ ଦ୍ୱିତୀୟ ମାଇଲ୍ ଷ୍ଟୋନ୍ ପର୍ଯ୍ୟନ୍ତ ଗତିବିଧି ଗୁଡିକର କ୍ରମବଦ୍ଧ ବ୍ୟବସ୍ଥାକୁ ଶିକ୍ଷଣ ସିଢି କୁହାଯାଏ । ଗୋଟିଏ ଶ୍ରେଣୀ ବା ସ୍ତର ପାଇଁ ବିଷୟରେ ସବୁ ଶିକ୍ଷଣ ସିଢି ଲଗାତାର କ୍ରମବଦ୍ଧ ରୂପରେ ବ୍ୟବସ୍ଥିତ କରାଯାଇଥାଏ ଏବଂ ଏକ ନିରବଚ୍ଛିନ୍ନ ଶିକ୍ଷଣ ମାର୍ଗ ତିଆରି କାରାଯାଏ ।

- ପ୍ରତ୍ୟେକ ଶ୍ରେଣୀରେ ପ୍ରତ୍ୟେକ ବିଷୟରେ ଏହି ପ୍ରକାରର ଶିକ୍ଷଣ (Continuum) ନିରବିଚ୍ଛିନ୍ନତା ଫର୍ଦ୍ଦ ରଖାଯାଏ । ଦୁଇଟି ଆସନ୍ନ ମାଇଲ୍ ଷ୍ଟୋନ୍ ମଧ୍ୟରେ କ୍ରମାନୁସାରେ କ୍ରିୟାନ୍ୱିତ କରାଯାଇଥିବା ଶିକ୍ଷଣ କ୍ରିୟାଗୁଡିକୁ ଗୋଟିଏ ଲୋଗୋ ଦ୍ୱାରା ଶିକ୍ଷଣ ନିରବିଚ୍ଛିନ୍ନତା ଅଙ୍କିତ କରାଯାଏ ।

ଟିପ୍ପଣୀ

## ୭.୪ ସାରାଂଶ

- ବହୁ - ଶ୍ରେଣୀ ଶିକ୍ଷଣ ଗୋଟିଏ ଏପରି ଅବସ୍ଥା ଯେଉଁଠାରେ ଜଣେ ଶିକ୍ଷକଙ୍କୁ ଏକ ସମୟରେ ଅନେକ ଶ୍ରେଣୀରେ ଶିକ୍ଷାଦାନ କାର୍ଯ୍ୟ କରିବାକୁ ହୋଇଥାଏ ।
- ବିଭିନ୍ନ କାରଣ ପାଇଁ ବହୁ - ଶ୍ରେଣୀ ଶିକ୍ଷାଦାନର ଆବଶ୍ୟକତା ରହିଛି । ସେଥିରୁ ଗୋଟିଏ କାରଣ ଶିକ୍ଷକ ଏବଂ ଶ୍ରେଣୀ - କୋଠରୀର ଅଭାବ ।
- ବହୁ -ଶ୍ରେଣୀ ଶିକ୍ଷାଦାନ ବ୍ୟବସ୍ଥା କେବଳ ଭାରତରେ ସୀମିତ ନାହିଁ । ପରନ୍ତୁ ବିକଶିତ ତଥା ଅବିକଶିତ ଦେଶରେ ମଧ୍ୟ ଦେଖାଯାଏ ।
- ବହୁ - ଶ୍ରେଣୀୟ ପରିସ୍ଥିତିରେ ଶିକ୍ଷାଦାନରେ ସଂପୃକ୍ତ ଶିକ୍ଷକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ ।
- ବହୁ - ଶ୍ରେଣୀ ଶିକ୍ଷଣରେ ଚାରୋଟି ବିଷୟରେ ବିଶେଷ ଧ୍ୟାନ ଦିଆଯାଇ ଅଛି - ଶ୍ରେଣୀ - ସଂଗଠନ, ଛାତ୍ରଛାତ୍ରୀ ମାନଙ୍କର ଦଳଗଠନ, ଶିକ୍ଷଣ ସାମଗ୍ରୀର ବ୍ୟବହାର ଏବଂ ଉପଯୁକ୍ତ ଯୋଜନା ।
- ବହୁ - ଶ୍ରେଣୀ ଶିକ୍ଷାଦାନରେ ବସିବାର ସଠିକ୍ ବ୍ୟବସ୍ଥା ଦ୍ୱାରା ଅଧିକ ଫଳପ୍ରଦ ହୋଇଥାଏ ।
- ବହୁ - ସ୍ତରୀୟ ଶିକ୍ଷାଦାନ ଏକକ ଶ୍ରେଣୀ ଅବସ୍ଥା ସହିତ ସଂବଧିତ ଥାଏ ।
- ବହୁ - ସ୍ତରୀୟ ଶିକ୍ଷାଦାନ ପଦ୍ଧତି ଗୁରୁତ୍ୱ ପୂର୍ଣ୍ଣ କୌଶଳ ହେଉଛି ଛାତ୍ରଛାତ୍ରୀ ମାନଙ୍କର ଦଳଗଠନ, ସାମଗ୍ରୀର ଚୟନ ଏବଂ ସଠିକ୍ ଉପଯୋଗ, ଶିକ୍ଷଣ କାର୍ଯ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କର ସଂପୃକ୍ତି ଏବଂ ଶ୍ରେଣୀ ସଂଗଠନ ।
- ଉଚ୍ଚ ଉପଲବ୍ଧି, ମଧ୍ୟମ ଉପଲବ୍ଧି ତଥା ନିମ୍ନ ଉପଲବ୍ଧି ସ୍ତରର ଛାତ୍ରଛାତ୍ରୀ ମାନଙ୍କ ପାଇଁ କିଛି ଶିକ୍ଷଣ କାର୍ଯ୍ୟର ଚୟନ କରିବା ଆବଶ୍ୟକତା ଅଛି ।
- ପାଠ ଯୋଜନା ଏପରି ତିଆରି କରାଯିବାର ଆବଶ୍ୟକତା ଅଛି ଯେମିତି ପ୍ରତ୍ୟେକ ପିଲା ଯେ କୌଣସି କ୍ରିୟାରେ ସଂଲଗ୍ନ ହୋଇପାରିବ ।
- ପିଲାମାନଙ୍କୁ ଜଣେ ଅନ୍ୟଜଣଙ୍କ ଠାରୁ ଶିଖିବାର ସୁଯୋଗ ମିଳିବା ଦରକାର ।
- ଯଦି ଗୋଟିଏ ବହୁ - ଶ୍ରେଣୀ, ବହୁ - ସ୍ତରୀୟ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ଅଭିନବ ହେବ, ଓ ଜଣେ ଶିକ୍ଷକ ନିଜ କାର୍ଯ୍ୟ ବା ଦାୟିତ୍ୱ ସମ୍ପର୍କରେ ଜ୍ଞାନଥିବ ଏବଂ ଉପଯୁକ୍ତ ଯୋଜନା ପରିଚାଳନାଗତ କୌଶଳ ଥାଏ ତାହାଲେ ସେ ସଫଳତା ସହକାରେ କାର୍ଯ୍ୟ ସମାପନ କରିପାରିବ ।

E-୨ ପାଠ୍ୟ - ବିଷୟରେ ଚର୍ଚ୍ଚିତ ଯେକୌଣସି ଦୁଇଟି ଲାଭ ବା ଶିକ୍ଷକଙ୍କର ଶ୍ରେଣୀ ଅନୁଭବ ବର୍ଣ୍ଣନା କରିବାର ଆବଶ୍ୟକତା ।



## ୭.୫ ନିଜର ପ୍ରଗତିକୁ ପରଖି ଦେଖ ର ଆଦର୍ଶ ଉତ୍ତର

E-୧ ଶ୍ରେଣୀ - କୋଠରୀର ଅବସ୍ଥା ନିମ୍ନଲିଖିତ ଦିଆଯାଇଛି:

- ଛାତ୍ରଛାତ୍ରୀମାନେ ଏକ ଅନ୍ୟକୁ ବାଧା ନ ଦେଇ ଆରାମ ପୂର୍ବକ ବସିଥାନ୍ତି ।
- ପ୍ରଦର୍ଶନ - ସାମଗ୍ରୀ/ବୋର୍ଡସ୍ ଦ୍ୱାରା ଝରକା ଢାଙ୍କି ଯିବା କାରଣ ପର୍ଯ୍ୟାପ୍ତ ଆଲୋକ ଏବଂ ପବନ ଶ୍ରେଣୀ ଗୃହକୁ ପ୍ରବେଶ ଅବରୋଧ ହୋଇପାରିବ ନାହିଁ ।
- ଆବଶ୍ୟକତା ଅନୁସାରେ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କୁ (ଦଳ ମଧ୍ୟରେ) ମୁକ୍ତ ଗତି ଯୋଗୁଁ ଶ୍ରେଣୀରେ ସ୍ଥାନ ଉପବ୍ଧ ହେବ ।
- ଛାତ୍ରଛାତ୍ରୀ ମାନେ କଳାପଟା ଏବଂ ଶିକ୍ଷଣ - ସାମଗ୍ରୀ ପର୍ଯ୍ୟନ୍ତ ସହଜରେ ପହଁଞ୍ଚି ପାରିବେ ଏବଂ ସହଜରେ ତାହାର ଉପଯୋଗ କରିପାରିବେ ।
- ଶିକ୍ଷଣ କୋଣ, ଅଭିଭାବକ କୋଣ, ପ୍ରଶ୍ନ କୋଣ ଇତ୍ୟାଦି ଛାତ୍ରଛାତ୍ରୀ ମାନଙ୍କର ଉପଯୋଗ ପାଇଁ ସେମାନଙ୍କର ସହଜରେ ପହଞ୍ଚିବା ପରି ହେବ ।

## ୭.୬ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ


- ପୀଟରସନ ସାଇକେଲ୍, ହିଙ୍ଗୀ ଯେଶୈଲ ଏବଂ ତେମର, ଲାଇନ (୨୦୦୨) : ଔଥେଣ୍ଟିକ୍ ମଲ୍ଟୀଟେବଲ ଟିଚିଙ୍ଗ, ହୋଇ ସ୍କୁଲିଙ୍ଗ କର୍ସୋର୍ଟିୟମ http//www.co1.wayne.edu/communitybuilding/wsc.
- ବେସ୍ନିନାୟକ, ଜୀ.ଭୀ. (୧୯୯୧): ମଲ୍ଟୀଗ୍ରେଡ ଟିଚିଙ୍ଗ, ଡିପାର୍ଟମେଣ୍ଟ ଅଫ ଡିଷ୍ଟେସ୍ ଏଜୁକେସନ, ନେଶନାଲ ଇଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଶ୍ରୀଲଙ୍କା ।
- ଜ ମଲ୍ଟୀଗ୍ରେଡ୍ କ୍ଲାସ୍ ରୂପ : ଏ ରିସୋର୍ସ ହେଣ୍ଡବୁକ୍ ଫର୍ ସ୍ମୋଲ ସକୁଲ୍ସ (୧୯୯୯) ପୌଟ୍‌ଲେଡ୍ ଏବଂ ନୀର୍ଥବେଷ୍ଟ ରୀବନଲ ଏଜୁକେଶନଲ୍ ଲେବୋରେଟରୀ ।
- ପିବନ. ବୀ. ଏନ୍ "ଦ ବେନୀଫିଟ୍‌ସ୍ ଅଫ୍ ଲେଗ୍ଲେକ୍ଟେଡ୍ ସ୍କୁଲ ର "ଏଜୁକେଶନାଲ୍ ଲିଡ଼ରଶିପର ୫୦.୨ (୧୯୯୨): ୨୨ - ୨୫ ।
- ପୋଲିଟେନୀ, କୋଲୀନ, ଏଣ୍ଡ ଜୈପ୍ ପୈକ୍ୟୁନ୍, ବ୍ରେନ ବେଣ୍ଡ ଲିର୍ଣ୍ଣିଙ୍ଗ ବିଦ କ୍ଲାସ୍, ବେନୀପେଗ୍, ଏମ୍.ବୀ: ପୋଟେଡା ଏଣ୍ଡ ମୈନ ପ୍ରେସ୍ ।
- ପୈଟ୍, ଡୀ. "ଅନ ଦ ମେରିଟ୍ସ ଅଫ୍ ମଲ୍ଟି ଗ୍ରେଡ୍ କ୍ଲାସ୍ରୁମ । ୬ ରିସର୍ଚ ଇନଚ ରୁରାଲ ଏଜୁକେସନ ୩ (୧୯୮୬): ୧୧୧-୧୧୫ ।
- ସ୍ୱିଗିସ୍ଟ.ଆର.ସ୍ଟୁଡେଣ୍ଟ ଇନବାଲଣ୍ଡ ଏସେସମେଟ୍, ଥାର୍ଡ ଇଡି ଅପର ସେଡଲ୍ ରିସେ (୨୦୦୧) ଏନ୍ ଜେ: ପ୍ରେନଟିସ ହାଲ ଇଙ୍କ ।
- ବାଇଗୋଟସ୍କାଇଁ, ଏଲ .ଏସ୍ . ମାଇଣ୍ଡ ଇନ ସୋସାଇଟି: ଜି ଡିବେଲପମେଣ୍ଟ ଅଫ୍ ହାୟର ସାଇକୋଲୋ ଜିକାଲ ପ୍ରେସେସ୍ (୧୯୭୮), କୈମ୍ବ୍ରି ଏମ୍ ଏ: ହାରବର୍ଡ ୟୁନିବର୍ସିଟୀ ପ୍ରେସ୍ ।

ଟିପ୍ପଣୀ


- http://www.pearsonlongmam com/ 98/ download /adulted/ multilvwevl. manograph.pdg.

  http://www.edu.gov.mb.ca/k12/does/support/.

  multilevwel/chap 2.pdf.


## ୭.୭ ପାଠାନ୍ତ ପ୍ରଶ୍ନାବଳୀ

- ନିଜ ବିଦ୍ୟାଳୟର ବହୁ ସ୍ତରୀୟ ଶ୍ରେଣୀ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଆପଣ କିକି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଆଲୋଚନା କରନ୍ତୁ ?
- ନିଜ ବିଦ୍ୟାଳୟରେ ବହୁ-ଶ୍ରେଣୀ ସ୍ତରୀୟ ଶିକ୍ଷାଦାନର ଗୋଟିଏ ଯୋଜନା ତିଆରି କରନ୍ତୁ ?

********